# ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌ରେ ଚାଲିଛି ପୁରୁଣା ଫଟୋ ଅପ୍‌ଲୋଡ

ନାଉଗାଁ,୩୦।୧୨(ସୁଧା ବେହୁରା)

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚଞ୍ଚକତା**
- ଫାଇଦା ଉଠାଉଛନ୍ତି ଠିକାଦାର
- ଗୋଟିଏ କାମର ଏକାଧିକ ଫଟୋ ଉଠାଯାଇ ବାରମ୍ବାର ବ୍ୟବହାର

ଏମ୍‌ଜିଏନ୍‌ଆର୍‌ଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ରେ ସ୍ୱଚ୍ଛତା ସହ ଗ୍ରାମାଞ୍ଚଳ ଲୋକଙ୍କୁ ଠିକ୍‌ଭାବେ କାମ ଯୋଗାଇବା ଉଦ୍ଦେଶ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଡିଭିଜନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌କୁ ବାଧ୍ୟତାମୂଳକ କରାଯାଇଛି। ଏନେଇ ରାଜ୍ୟ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ନାଉଗାଁ ବ୍ଲକରେ ଉକ୍ତ ଆପ୍‌କୁ ଠିକ୍‌ଭାବେ ପରିଚାଳନା କରାଯାଉ ନ ଥିବା ଜଣାପଡ଼ିଛି। ନ୍ୟାଶନାଲ ମୋବାଇଲ ମନିଟରିଂ ସିଷ୍ଟମ(ଏନ୍‌ଏମ୍‌ଏମ୍‌ଏସ) ଆପ୍‌ରେ କାର୍ଯ୍ୟ କରିବା ପାଇଁ ସମସ୍ତ ଜିଆରଏସ୍‌ଙ୍କୁ ଏକ ମୋବାଇଲ ଯୋଗାଇ ଦିଆଯାଇଛି। ଏହି ମୋବାଇଲରେ ଉକ୍ତ ଆପ୍‌କୁ ଲୋଡ୍ କରାଯାଇଛି। ଏହା ମାଧ୍ୟମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରାଯାଉଥିବା ପ୍ରକଳ୍ପଗୁଡ଼ିକର ଫଟୋ ଅପ୍‌ଲୋଡ କରାଯିବ। ନିୟମାନୁସାରେ, ଶ୍ରମିକମାନେ ପ୍ରକଳ୍ପ କାର୍ଯ୍ୟ କରୁଥିବା ସମୟରେ ସେମାନଙ୍କ ଫଟୋ ଉତ୍ତୋଳନ କରାଯିବ। ଏହି ଫଟୋ ଦିନକୁ ୨ଥର ଅର୍ଥାତ୍ ପୂର୍ବାହ୍ନ ଓ ଅପରାହ୍ନରେ ଉଠାଯାଇ ଜିଓ ଟ୍ୟାଗିଂ କରି ଆପ୍‌ରେ ଅପ୍‌ଲୋଡ କରାଯିବ। ଏହାଦ୍ୱାରା ଉକ୍ତ ପ୍ରକଳ୍ପରେ ୨୦ରୁ ଉର୍ଦ୍ଧ୍ୱ ଶ୍ରମିକ କାମ କରୁଛନ୍ତି ନା ମେଶିନରେ କାମ ହେଉଛି ତାହା ଜଣାପଡ଼ିବ। କିନ୍ତୁ ବ୍ଲକରେ ଠିକ୍ ଭାବେ ଉକ୍ତ ଆପ୍‌ର ବ୍ୟବହାର କରାଯାଉନାହିଁ। କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଜିଆର୍‌ଏସ୍‌ମାନେ ପୂର୍ବରୁ ନିର୍ମାଣ କରାଯାଇଥିବା ପ୍ରକଳ୍ପର ଫଟୋ ଉତ୍ତୋଳନ କରି ରଖିଛନ୍ତି। ଉକ୍ତ ଫଟୋକୁ ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌ରେ ପରବର୍ତ୍ତୀ ସମୟରେ ପୁନର୍ବାର ବ୍ୟବହାର କରାଯାଉଛି।

ଏହାର ଉଦାହରଣ ଶିଖର ପଞ୍ଚାୟତ ଅନ୍ତର୍ଗତ ବୋଦଳ ପୋଖରୀ ରୋହିଆ ପଞ୍ଚାୟତ ସଫେଇ ନାଳର ପୁନରୁଦ୍ଧାର କାର୍ଯ୍ୟରେ ଦେଖିବାକୁ ମିଳିଛି। ରୋହିଆ ପଞ୍ଚାୟତର ସଫେଇ ନାଳର ପୁନରୁଦ୍ଧାର କାର୍ଯ୍ୟବେଳେ ୧୭ ଡିସେମ୍ବରରେ ଶ୍ରମିକମାନଙ୍କ ଯେଉଁ ଫଟୋ ଏନ୍‌ଏମ୍‌ଏମ୍‌ଏସ୍ ପୋର୍ଟାଲରେ ଅପ୍‌ଲୋଡ କରାଯାଇଥିଲା ଉକ୍ତ ଫଟୋ ପୁନର୍ବାର ୧୮ ତାରିଖରେ ଅପ୍‌ଲୋଡ କରାଯାଇଥିବା ଜଣାପଡ଼ିଛି। ଅପରପକ୍ଷେ ଏ ସମସ୍ତ ଶ୍ରମିକ ଅନ୍ୟ ଜିଲାର ବୋଲି ଜଣାପଡ଼ିଛି। ସେମାନେ ଜଗତ୍‌ସିଂହପୁର ଜିଲାକୁ ଦାଦନ ଖଟିବାକୁ ଆସିଥିବାବେଳେ ଏହି ପ୍ରକଳ୍ପ ପାଇଁ ଡାକି ଫଟୋ ଉଠାଯାଇଛି ବୋଲି କେତେଜଣ ସ୍ଥାନୀୟ ଲୋକ ନାମ ଗୋପନ ରଖି କହିଛନ୍ତି। ଫଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକଳ୍ପ କାର୍ଯ୍ୟର ଠିକ୍ ଭାବେ ତଦାରଖ ହେଉ ନ ଥିବାରୁ ଏହାର ସୁଯୋଗ ନେଇ ଏଭଳି ଚଞ୍ଚକତା କରି ଠିକାଦାର ଫାଇଦା ଉଠାଉଥିବା ଅଭିଯୋଗ ହୋଇଛି। ଏଥିରେ ପ୍ରଶାସନିକ କର୍ମଚାରୀ ଓ ଯନ୍ତ୍ରୀଙ୍କ ମଧ୍ୟ ସମ୍ପୃକ୍ତି ରହୁଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ସଂକ୍ରାନ୍ତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକ୍ରମ ଅଧିକାରୀ ତଥା ବିଡିଓ ତପନ ମହାପାତ୍ରଙ୍କୁ ପଚାରିବାରେ, ଏ ବିଷୟରେ ମୁଁ ଅବଗତ ନ ଥିଲି। କ'ଣ ହୋଇଛି ଠିକ୍‌ଭାବେ ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।


୧୭, ୧୮ ଡିସେମ୍ବରରେ ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌ରେ ସଫେଇ ନାଳ ପୁନରୁଦ୍ଧାର କାର୍ଯ୍ୟର ୨ଥର ଅପ୍‌ଲୋଡ୍ କରାଯାଇଥିବା ଫଟୋ।

# ବିଞ୍ଝାରପୁର ପାଇଁ ଗୌରବ ଆଣିଦେଇଛି ୨୦୨୩


ଆଲୋଚନାରେ ଭାଗନେଇଥିବା ବ୍ୟକ୍ତି ଅଖିଳଚକ୍ର ଲେଖକ ବୁଦ୍ଧିଜୀବୀ ପରିଷଦର କର୍ମକର୍ତ୍ତା।

**ଅଖିଳଚକ୍ର ଲେଖକ ବୁଦ୍ଧିଜୀବୀ ପରିଷଦର ବର୍ଷ ଶେଷ ଆଲୋଚନା**

ପ୍ରୀତିପୁର,୩୦।୧୨(ସୁଶାନ୍ତ ବେହୁରିଆ):

୨୦୨୩ ବିଞ୍ଝାରପୁର ପାଇଁ ବହୁ ଗୌରବ ଆଣିଦେଇଛି ବୋଲି ଅଖିଳଚକ୍ର ଲେଖକ ବୁଦ୍ଧିଜୀବୀ ପରିଷଦ ପକ୍ଷରୁ କୁହାଯାଇଛି। ସେଥିମଧ୍ୟରୁ ଏହି ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରମିଳା ମଲ୍ଲିକ ବାଚସ୍ପତି ହେବା ଏକ ବଡ ଘଟଣା। ସେ ପୂର୍ବରୁ କ୍ୟାବିନେଟ ମନ୍ତ୍ରୀ ଥିଲେ ହେଁ ଚଳିତ ବର୍ଷ ସର୍ବ ବାଚସ୍ପତି ହେବା ବିଞ୍ଝାରପୁର ବାସୀଙ୍କ ପାଇଁ ଗୌରବର କଥା। ବିଞ୍ଝାରପୁର ବିକାଶରେ ସରକାରୀ ପ୍ରକଳ୍ପଗୁଡିକ କେତେକାଂଶରେ କାର୍ଯ୍ୟକାରୀ କରାଯାଇଥିବାବେଳେ ବେସରକାରୀ ପରିଷଦ, ସଂଗଠନ ଦ୍ୱାରା ଚଳିତ ବର୍ଷ ବିକାଶଧାରାକୁ ଉଲ୍ଲେଖନୀୟ ଭାବେ ଅଗ୍ରଗାମୀ କରିପାରିଛି। ଚିକଣା ପଡ଼ିଆରେ ମା' ସନ୍ତୋଷୀ ମନ୍ଦିର ଚଳିତ ବର୍ଷ ଆରମ୍ଭରେ ପ୍ରତିଷ୍ଠା ଲାଭ କରିଥିଲା। ଏହି ମନ୍ଦିର ଦକ୍ଷିଣ ଭାରତ ଢାଞ୍ଚାରେ ନିର୍ମାଣ କରାଯାଇଛି। ଏଥିପାଇଁ ୮ ବର୍ଷ ଲାଗିଥିଲା ବେଳେ ୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି। ଯାଜପୁର ଟାଉନରୁ ସିଂହପୁର ରାସ୍ତାର ମାଁଶଢା ରାସ୍ତା ପାର୍ଶ୍ୱରେ ଠାକୁର ଅନୁକୂଳଚନ୍ଦ୍ର ଭକ୍ତଙ୍କ ଉଦ୍ୟମରେ ନିର୍ମିତ ସତସଙ୍ଗ ବିହାର ଗୌରବ ବୃଦ୍ଧି କରିଛି। ଏହାବ୍ୟତୀତ ନାଉପାଳଠାରେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ପ୍ରାର୍ଥନା ମନ୍ଦିର ବିଞ୍ଝାରପୁରର ଉଲ୍ଲେଖନୀୟତାକୁ ପ୍ରତିପାଦନ କରିଛି। ଅଞ୍ଚଳରୁ ପ୍ରତିଷ୍ଠିତ ସାରସ୍ୱତ ସଂଗଠନ ଅଖିଳଚକ୍ର ଦ୍ୱାରା ଯେଉଁ କାର୍ଯ୍ୟ କରାଯାଇଛି ତାହା ମଧ୍ୟ ଉଲ୍ଲେଖନୀୟ ପ୍ରଗତିର ଧାରାକୁ ସୁଦୃଢ଼ କରିଛି। ବିଞ୍ଝାରପୁର-ବରୀ ସୀମାବର୍ତ୍ତୀ ଶାମେଶ୍ୱର ପୀଠଠାରେ ଅଖିଳଚକ୍ର ପକ୍ଷରୁ ଇଂରେଜ ସମୟର ସ୍ମାରକୀକୁ ଲୋପ କରି ଭାରତମାତା ପ୍ରତିମୂର୍ତ୍ତି ପ୍ରତିଷ୍ଠା ଫଳରେ କ୍ଷେତ୍ରଟିର ମହିମା ବୃଦ୍ଧିଘଟିଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ପୁସ୍ତକମେଳା କରାଯାଇଛି। ବିଞ୍ଝାରପୁରର ଗର୍ବ ସାଧକ ବଳରାମ ବାନପ୍ରସ୍ଥୀଙ୍କ ପ୍ରତିମୂର୍ତ୍ତି ଯଜ୍ଞପଡିଆରେ ପ୍ରତିଷ୍ଠା ସହ ଏହି କ୍ଷେତ୍ରଟିକୁ ଏକ ତୀର୍ଥ କ୍ଷେତ୍ରରେ ପରିଣତ ପାଇଁ ଭକ୍ତଙ୍କ ଉଦ୍ୟମ ଉଲ୍ଲେଖନୀୟ ବୋଲି ଅଖିଳଚକ୍ର ଲେଖକ ବୁଦ୍ଧିଜୀବୀ ପରିଷଦ ପକ୍ଷରୁ ଆହୂତ ବର୍ଷ ଶେଷ ଆଲୋଚନାଚକ୍ରରେ ଏସବୁ କୁହାଯାଇଛି।

# ପ୍ରତିଭା ଚୟନ, ପୁରସ୍କାର ବିତରଣ ଉତ୍ସବ

ରସୁଲପୁର,୩୦।୧୨(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ସାରଙ୍ଗପୁର ଡାଇନାମିକ୍ ପ୍ରଗିତ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ବାର୍ଷିକ ପ୍ରତିଭା ଚୟନ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସଭାରେ ପ୍ରଶିକ୍ଷଣ କେନ୍ଦ୍ର ମୁଖ୍ୟ ଇନ୍ଦ୍ରମଣି ରାଉତ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଠାକୁରମୁଣ୍ଡା ଥାନା ଅଧିକାରୀ ବାସନ୍ତି ଦଳାଇ, ମୁଖ୍ୟବକ୍ତା ଇଂ. ଦେବାଶିଷ ଚକ୍ର, ସମ୍ମାନିତ ଅତିଥି ସାମାଜିକ କର୍ମୀ ଲିଜାରଣୀ ମଲ୍ଲିକ, ଶିକ୍ଷକ ହେମନ୍ତ ସାହୁ, କାର୍ତ୍ତିକେଶ୍ୱର ଭୂୟାଁ, ରାହାସ ବିହାରୀ ଦାସ, ଶୁକଦେବ ପାତ୍ର ଓ ଆଶୁତୋଷ ସାହୁ ପ୍ରମୁଖ ଯୋଗଦେଇ ମେଧାବୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିଆଯାଉଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ୨୦୨୨-୨୩ ଶିକ୍ଷାବର୍ଷର ଶ୍ରେଷ୍ଠ ଛାତ୍ରୀ, କୃତୀ ବିଦ୍ୟାର୍ଥୀ ଭାବେ ୧୦ମ ଶ୍ରେଣୀ ଛାତ୍ରୀ ପୂଜାରାଣୀ ସାହୁ, ସ୍ମୃତିରେଖା ଦାସ, ଲକ୍ଷ୍ମୀପ୍ରିୟା ସାହୁ, ୯ମ ଶ୍ରେଣୀର ରାଜେଶ ବେଜ୍, ଆକାଶ ସାହୁ, ରାଜଲକ୍ଷ୍ମୀ ସେନାପତି, ଅର୍ଚ୍ଚିତା ସାହୁ, ୭ମ ଶ୍ରେଣୀର ଶୁଭଶ୍ରୀ ଶୁଭଦର୍ଶିନୀ ରଣା, ରାକେଶ ଜେନା, ଗୌରବ ସାହୁ, ୬ଷ୍ଠ ଶ୍ରେଣୀର ବିଦ୍ୟାର୍ଥୀ ସତ୍ୟବ୍ରତ ସେନାପତି, ଶୁଭଲକ୍ଷ୍ମୀ ନାୟକ ଓ ଜଗନ୍ନାଥ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ବିଦ୍ୟାର୍ଥୀମାନଙ୍କୁ ନେଇ ଭିମକୁଣ୍ଡ, କିଚକେଶ୍ୱରୀ ଓ ଖିଚିଂ ଆଦି ଦର୍ଶନୀୟସ୍ଥଳିକୁ ଭ୍ରମଣ କରାଯାଇଥିଲା। ଶିକ୍ଷକ ସୁରେନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।


ଡାଇନାମିକ୍ ପ୍ରଗିତ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅର୍ପିତା


@ ଦେବଦତ୍ତ


@ ଦୀପ୍ତାଞ୍ଜଳି


@ ରାଜେନ୍ଦ୍ର


@ ସତ୍ୟବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉଦୟବଟର ବାର୍ଷିକ ଉତ୍ସବ

ଯାଜପୁର ରୋଡ,୩୦।୧୨
(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗରସ୍ଥିତ ଉଦୟବଟର ବାର୍ଷିକ ଉତ୍ସବ ଓ କୋରେଇର ପୂର୍ବତନ ବିଧାୟକ ଅଶୋକ ଦାସଙ୍କ ୧୫ତମ ଶ୍ରାଦ୍ଧ ବାର୍ଷିକୀ ସ୍ଥାନୀୟ ଦୁର୍ଲ୍ଲଭ କଳା ପରିଷଦ ମଣ୍ଡପ ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗର ପୌର ପରିଷଦର ପୂର୍ବତନ ନଗରପାଳ ତଥା ଉଦୟବଟର ପ୍ରତିଷ୍ଠାତା ଉପଦେଷ୍ଟା ରସାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ମୁଖ୍ୟଅତିଥି, ଜିଲା ବିଜେଡି ମହିଳା ସଭାନେତ୍ରୀ ସବିତା ରାଉତ ମୁଖ୍ୟବକ୍ତା, ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ଅବସରପ୍ରାପ୍ତ ପ୍ରଶାସକ ଭାଗବତ ପ୍ରସାଦ ଦାସ, ସତ୍ୟନାରାୟଣ ମହାନ୍ତି, ବରିଷ୍ଠ ଭାଜପା ନେତା ପ୍ରସନ୍ନ କୁମାର ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସମ୍ପାଦକ ଦୁଷ୍ମନ୍ତ କୁମାର ରାଉତ ସ୍ୱାଗତ ଭାଷଣ ଏବଂ ବାର୍ତ୍ତା ସମ୍ପାଦକ ଉମାକାନ୍ତ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୩ଜଣଙ୍କୁ ଉଦୟବଟ ସମ୍ମାନ-୨୦୨୩ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଉଦୟବଟର ସ୍ୱନକ୍ଷତ୍ର ସଂଖ୍ୟା, କ୍ୟାଲେଣ୍ଡର-୨୦୨୪କୁ ଅତିଥିମାନେ ଉନ୍ମୋଚନ କରିଥିଲେ।


ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ଭାଜପାରେ ପୁଲିନ ପୁହାଣ

ଝୁମ୍ପୁରୀ,୩୦।୧୨(ସରୋଜ ନାୟକ):

ଦଶରଥପୁର ବ୍ଲକ୍‌ର ଯୁବନେତା ପୁଲିନ ପ୍ରକାଶ ପୁହାଣ ଭାଜପାରେ ସାମିଲ ହୋଇଛନ୍ତି। ଦଳର ନୂଆଦିଲ୍ଲୀସ୍ଥିତ ମୁଖ୍ୟାଳୟରେ ମଧ୍ୟପ୍ରଦେଶ ମନ୍ତ୍ରୀ କୈଳାସ ବିଜୟ ଭର୍ଗୀୟ ଓ ଓଡ଼ିଶା ପ୍ରଦେଶ ପ୍ରଭାରୀ ସୁନୀଲ ବଂଶଲଙ୍କ ଉପସ୍ଥିତିରେ ପୁହାଣ ପଦ୍ମ ଧରିଛନ୍ତି। ପୁହାଣ ନିର୍ବାଚନମଣ୍ଡଳୀକୁ ଆସିବା ପରେ ସମର୍ଥକଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳିଥିଲା। ଶତାଧିକ ଯୁବକ ବରୁହାଁ ଛକରୁ ତାଙ୍କୁ ବାଇକ୍ ରାଲିରେ ରାମବାଗ ଛକ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ।

# ଅବସରପ୍ରାପ୍ତ କର୍ମଚାରୀଙ୍କ ସମାବେଶ

କଳିଙ୍ଗନଗର,୩୦।୧୨(ଶୁଭାଶିଷ ରାଉତ):

ଦାନଗଦୀ ଭବନ ପରିସରରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ଅବସର ପରେ ବି ସାମାଜିକ କାର୍ଯ୍ୟରେ ନିଜକୁ ଲିପ୍ତ ରଖିଥିବା ବ୍ୟକ୍ତି ଏସମାଜର ନମସ୍ୟ ବୋଲି କହିଥିଲେ। ଏହି ଅବସରରେ ମନ୍ତ୍ରୀ ୧୮୦ ଅବସରପ୍ରାପ୍ତ କର୍ମଚାରୀଙ୍କୁ ମାନପତ୍ର, ଉତ୍ତରୀୟ ଓ ଫୁଲଗଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥିଭାବେ ଦାନଗଦି ବ୍ଲକ୍ ଅଧକ୍ଷା ଅର୍ଚ୍ଚନା ଦାସ, ଉପାଧକ୍ଷା ଅଜୟ ବିନ୍ଧାଣି, ଜିଲା ପରିଷଦ ସଦସ୍ୟା ସୁଚରିତା ବିଶ୍ୱାଳ, ବିଡିଓ ଶାରଦା ପ୍ରସନ୍ନ ପଣ୍ଡା ଓ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅଜୟ ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସମାବେଶରେ ଶିକ୍ଷା, ସ୍ୱାସ୍ଥ୍ୟ, ସେନାବାହିନୀ, ପୋଲିସ ଓ ଡାକ ବିଭାଗ ଆଦି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୨୦୦ରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀ ସାମିଲ ହୋଇଥିଲେ।

# ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ


ବିଧାୟକଙ୍କ ଗହଣରେ କୃତୀ ଛାତ୍ରୀମାନେ।

ଧର୍ମଶାଳା,୩୦।୧୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ମହିଳା ମହାବିଦ୍ୟାଳୟର ଜୁନିୟର ଓ ଡିଗ୍ରୀ କଲେଜରେ ଚାଲିଥିବା ନୂଆ ଓ, ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଜୁନିୟର କଲେଜ ଅଧକ୍ଷା ନମିତା ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇ ଏହିକାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଲୁଚି ରହିଥିବା ଅନ୍ତର୍ନିହିତ ଶକ୍ତିର ବିକାଶ ହେଉଥିବା ପ୍ରକାଶ କରିଥିଲେ। ଏଥିସହିତ ଏକମାସ ଧରି ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସଫଳ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁକ୍ତ ୩ ପରିଚାଳନା କମିଟି ସଭାପତି ସଂଗ୍ରାମ ଜେନା ଓ ଅଧକ୍ଷା ଡ. ଇନ୍ଦୁପ୍ରଭା ସାମଲ ଯୋଗେଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ମାଙ୍ଗଳିକା ଦାସ ବିବରଣୀ ପାଠ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସୁନୀତା ମହାନ୍ତି, ଅଧ୍ୟାପିକା କବିତା ସାମଲ, ଅଧ୍ୟାପକ ରାଜକିଶୋର ଜେନା, ସଚ୍ଚିଦାନନ୍ଦ ପ୍ରଧାନ, ପ୍ରଭାସିନୀ ପ୍ରଧାନ, ବେଦମତି ମିଶ୍ର, ସୋନାଲି ସାହୁ, ସୁଶ୍ରିତା ରାଉତ, ଲକ୍ଷ୍ମୀପ୍ରିୟା ବାରିକ, ରାଜୀବ ଚରଣ ରାଉତ ଓ କୁଞ୍ଜଲତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ସୂର୍ଯ୍ୟମଣି ବାରିକ, ସୁବାସ ଚନ୍ଦ୍ରସାହୁ, ଶରତ ପାଣିଗ୍ରାହୀ ଓ କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ସୁନାକର ଦାସ ଧନ୍ୟବାଦ ଦେଇଥିଲେ।

# ଧର୍ମଶାଳା ମହୋତ୍ସବରେ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

ଧର୍ମଶାଳା,୩୦।୧୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ମହୋତ୍ସବ ପଡ଼ିଆରେ ଜିଲା ହସ୍ତଶିଳ୍ପ କାର୍ଯ୍ୟାଳୟ ତରଫରୁ ହସ୍ତଶିଳ୍ପ ପ୍ରଦର୍ଶନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ଜିଲାର ବୟୋଜ୍ୟେଷ୍ଠ ହସ୍ତଶିଳ୍ପ କାରିଗର ମିନତି ନାଥ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀର ୨୦ ଷ୍ଟଲରେ ୩୦ ହସ୍ତଶିଳ୍ପ ଓ ବୁଣାକାର ନିଜ ହାତ ତିଆରି ସାମଗ୍ରୀ ପ୍ରଦର୍ଶନ କରିଛନ୍ତି। ପଥର, କାଠ, କାଇଁଚ, ବାଉଁଶ, ଝୋଟ, ଚାନ୍ଦୁଆ, ଟେରାକୋଟା, ବେତ, କପଡା, ଟସର ଶାଢୀର କାରୁକାର୍ଯ୍ୟ ମେଳାରେ ପ୍ରଦର୍ଶନ ହୋଇଛି। ପ୍ରଦର୍ଶନୀରେ ଅରଙ୍ଗାବାଦ ଗ୍ରାମର ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରର ଷ୍ଟଲ ଖୋଲାଯାଇଥିବାବେଳେ ସେଠାରେ ଏହାର ପ୍ରତିଷ୍ଠାତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ତିରୋଧାନ ନେଇ ଶୋକ ପ୍ରକାଶ କରାଯାଇଥିଲା। ଷ୍ଟଲ ସମ୍ମୁଖରେ ଲାବଣ୍ୟଙ୍କ ଫଟୋଚିତ୍ର ରଖାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜିଲା ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ପ୍ରକାଶଚନ୍ଦ୍ର ମହାନ୍ତି, ହସ୍ତଶିଳ୍ପ ବିକାଶ ଅଧିକାରୀ କମଳ ଲୋଚନ ସାହୁ, ମହେଶ୍ୱର ଓଝା, ବରିଷ୍ଠ କାରିଗର ପର୍ଶୁରାମ ବେହେରା, ରାଜ୍ୟ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ ସଦସ୍ୟ ପ୍ରିୟରଞ୍ଜନ କର, ଲକ୍ଷ୍ମୀଧର ଚାନ୍ଦ, ବ୍ରହ୍ମାନନ୍ଦ ମହାରଣା, ପ୍ରଫୁଲ୍ଲ ମହାରଣା, ସୁରେଶ ଗୁଇଁ, ପ୍ରଶାନ୍ତ ବେହେରା, ମନୋଜ ନାଥ, ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ସଭାନେତ୍ରୀ ଶୈଳବାଳା ବେହେରା, ସମ୍ପାଦିକା ମିନତି ପଣ୍ଡା, ଉପସଭାନେତ୍ରୀ ସୁମିତ୍ରା ବାରିକ, କୁନିଲତା ବେହେରା ଓ ତପସ୍ୱିନୀ ପଣ୍ଡା ପ୍ରମୁଖ ଯୋଗଦେଇ ଲାବଣ୍ୟଙ୍କ ସ୍ମୃତିଚାରଣ କରିଥିଲେ। ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ତଥା ହରିଶଙ୍କର ମହାବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଲାବଣ୍ୟ ପ୍ରତିବର୍ଷ ଧର୍ମଶାଳା ମହୋତ୍ସବରେ ଆୟୋଜିତ ହସ୍ତଶିଳ୍ପ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଆସୁଥିଲେ। କିଛିମାସ ତଳେ ତାଙ୍କର ଦେହାନ୍ତ ହୋଇଛି।


ହସ୍ତଶିଳ୍ପ ପ୍ରଦର୍ଶନୀରେ ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ସ୍ମୃତିଚାରଣ କରାଯାଉଛି।

# ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌ରେ ଚାଲିଛି ପୁରୁଣା ଫଟୋ ଅପ୍‌ଲୋଡ

ନାଉଗାଁ,୩୦।୧୨(ସୁଧା ବେହୁରା)

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚଞ୍ଚକତା**
- ଫାଇଦା ଉଠାଉଛନ୍ତି ଠିକାଦାର
- ଗୋଟିଏ କାମର ଏକାଧିକ ଫଟୋ ଉଠାଯାଇ ବାରମ୍ବାର ବ୍ୟବହାର

ଏମ୍‌ଜିଏନ୍‌ଆର୍‌ଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ରେ ସ୍ୱଚ୍ଛତା ସହ ଗ୍ରାମାଞ୍ଚଳ ଲୋକଙ୍କୁ ଠିକ୍‌ଭାବେ କାମ ଯୋଗାଇବା ଉଦ୍ଦେଶ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଡିଭିଜନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌କୁ ବାଧତାମୂଳକ କରାଯାଇଛି। ଏନେଇ ରାଜ୍ୟ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ନାଉଗାଁ ବ୍ଲକରେ ଉକ୍ତ ଆପ୍‌କୁ ଠିକ୍‌ଭାବେ ପରିଚାଳନା କରାଯାଉ ନ ଥିବା ଜଣାପଡ଼ିଛି। ନ୍ୟାଶନାଲ ମୋବାଇଲ ମନିଟରିଂ ସିଷ୍ଟମ(ଏନ୍‌ଏମ୍‌ଏମ୍‌ଏସ) ଆପ୍‌ରେ କାର୍ଯ୍ୟ କରିବା ପାଇଁ ସମସ୍ତ ଜିଆରଏସ୍‌ଙ୍କୁ ଏକ ମୋବାଇଲ ଯୋଗାଇ ଦିଆଯାଇଛି। ଏହି ମୋବାଇଲରେ ଉକ୍ତ ଆପ୍‌କୁ ଲୋଡ୍ କରାଯାଇଛି। ଏହା ମାଧ୍ୟମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରାଯାଉଥିବା ପ୍ରକଳ୍ପଗୁଡ଼ିକର ଫଟୋ ଅପ୍‌ଲୋଡ କରାଯିବ। ନିୟମାନୁସାରେ, ଶ୍ରମିକମାନେ ପ୍ରକଳ୍ପ କାର୍ଯ୍ୟ କରୁଥିବା ସମୟରେ ସେମାନଙ୍କ ଫଟୋ ଉତ୍ତୋଳନ କରାଯିବ। ଏହି ଫଟୋ ଦିନକୁ ୨ଥର ଅର୍ଥାତ୍ ପୂର୍ବାହ୍ନ ଓ ଅପରାହ୍ନରେ ଉଠାଯାଇ ଜିଓ ଟ୍ୟାଗିଂ କରି ଆପ୍‌ରେ ଅପ୍‌ଲୋଡ କରାଯିବ। ଏହାଦ୍ୱାରା ଉକ୍ତ ପ୍ରକଳ୍ପରେ ୨୦ରୁ ଊର୍ଦ୍ଧ୍ୱ ଶ୍ରମିକ କାମ କରୁଛନ୍ତି ନା ମେଶିନରେ କାମ ହେଉଛି ତାହା ଜଣାପଡ଼ିବ। କିନ୍ତୁ ବ୍ଲକରେ ଠିକ୍ ଭାବେ ଉକ୍ତ ଆପ୍‌ର ବ୍ୟବହାର କରାଯାଉନାହିଁ। କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଜିଆର୍‌ଏସ୍‌ମାନେ ପୂର୍ବରୁ ନିର୍ମାଣ କରାଯାଇଥିବା ପ୍ରକଳ୍ପର ଫଟୋ ଉତ୍ତୋଳନ କରି ରଖିଛନ୍ତି। ଉକ୍ତ ଫଟୋକୁ ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌ରେ ପରବର୍ତ୍ତୀ ସମୟରେ ପୁନର୍ବାର ବ୍ୟବହାର କରାଯାଉଛି।

ଏହାର ଉଦାହରଣ ଶିଖର ପଞ୍ଚାୟତ ଅନ୍ତର୍ଗତ ବୋଦଳ ପୋଖରୀ ରୋହିଆ ପଞ୍ଚାୟତ ସଫେଇ ନାଳର ପୁନରୁଦ୍ଧାର କାର୍ଯ୍ୟରେ ଦେଖିବାକୁ ମିଳିଛି। ରୋହିଆ ପଞ୍ଚାୟତର ସଫେଇ ନାଳର ପୁନରୁଦ୍ଧାର କାର୍ଯ୍ୟବେଳେ ୧୭ ଡିସେମ୍ବରରେ ଶ୍ରମିକମାନଙ୍କ ଯେଉଁ ଫଟୋ ଏନ୍‌ଏମ୍‌ଏମ୍‌ଏସ୍ ପୋର୍ଟାଲରେ ଅପ୍‌ଲୋଡ କରାଯାଇଥିଲା ଉକ୍ତ ଫଟୋ ପୁନର୍ବାର ୧୮ ତାରିଖରେ ଅପ୍‌ଲୋଡ କରାଯାଇଥିବା ଜଣାପଡ଼ିଛି। ଅପରପକ୍ଷେ ଏ ସମସ୍ତ ଶ୍ରମିକ ଅନ୍ୟ ଜିଲାର ବୋଲି ଜଣାପଡ଼ିଛି। ସେମାନେ ଜଗତ୍‌ସିଂହପୁର ଜିଲାକୁ ଦାଦନ ଖଟିବାକୁ ଆସିଥିବାବେଳେ ଏହି ପ୍ରକଳ୍ପ ପାଇଁ ଡାକି ଫଟୋ ଉଠାଯାଇଛି ବୋଲି କେତେଜଣ ସ୍ଥାନୀୟ ଲୋକ ନାମ ଗୋପନ ରଖି କହିଛନ୍ତି। ଫଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକଳ୍ପ କାର୍ଯ୍ୟର ଠିକ୍ ଭାବେ ତଦାରଖ ହେଉ ନ ଥିବାରୁ ଏହାର ସୁଯୋଗ ନେଇ ଏଭଳି ଚଞ୍ଚକତା କରି ଠିକାଦାର ଫାଇଦା ଉଠାଉଥିବା ଅଭିଯୋଗ ହୋଇଛି। ଏଥିରେ ପ୍ରଶାସନିକ କର୍ମଚାରୀ ଓ ଯନ୍ତ୍ରୀଙ୍କ ମଧ୍ୟ ସମ୍ପୃକ୍ତି ରହୁଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ସଂକ୍ରାନ୍ତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକ୍ରମ ଅଧିକାରୀ ତଥା ବିଡିଓ ତପନ ମହାପାତ୍ରଙ୍କୁ ପଚାରିବାରେ, ଏ ବିଷୟରେ ମୁଁ ଅବଗତ ନ ଥିଲି। କ'ଣ ହୋଇଛି ଠିକ୍‌ଭାବେ ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।


୧୭, ୧୮ ଡିସେମ୍ବରରେ ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌ରେ ସଫେଇ ନାଳ ପୁନରୁଦ୍ଧାର କାର୍ଯ୍ୟର ୨ଥର ଅପ୍‌ଲୋଡ୍ କରାଯାଇଥିବା ଫଟୋ।

# ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅର୍ପିତା


@ ଦେବଦତ୍ତ


@ ଦୀପ୍ତାଞ୍ଜଳି


@ ରାଜେନ୍ଦ୍ର


@ ସତ୍ୟବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟ୍ରାଫିକ୍ ନିୟମ ମାନିଲେ ଅମୂଲ୍ୟ ଜୀବନ ବଞ୍ଚିବ

ରଘୁନାଥପୁର,୩୦।୧୨
(ରାଜେନ୍ଦ୍ର ନାରାୟଣ ସିଂହ)

**ସ୍ୱାମୀ ଅରୁପାନନ୍ଦ ଡିଗ୍ରୀ କଲେଜ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା**

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୁପାନନ୍ଦ ଡିଗ୍ରୀ କଲେଜ ଛାତ୍ରୀଛାତ୍ରଙ୍କ ପକ୍ଷରୁ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଛି। ଅଧକ୍ଷ ଦୟାନିଧି ରାଉତରାୟଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ସଡ଼କ ସୁରକ୍ଷା ସମ୍ପର୍କିତ ପ୍ଲାକାର୍ଡ ଧରି କଲେଜରୁ ଏକ ରାଲିରେ ଯାଇ କଟକ-ପାରାଦୀପ ରାସ୍ତା ଉପରେ ପହଞ୍ଚିଥିଲେ। ସେଠାରେ ଟ୍ରାଫିକ ନିୟମ ମାନୁ ନ ଥିବା ବାଇକ ଓ ଗାଡି ଚାଳକଙ୍କୁ ଗୋଲାପ ଫୁଲ ଓ ଲିଫ୍‌ଲେଟ ଦିଆଯାଇ ସଚେତନ କରାଯାଇଥିଲା। ଟ୍ରାଫିକ ନିୟମ ମାନିଲେ ଅମୂଲ୍ୟ ଜୀବନ ବଞ୍ଚିବ ବୋଲି ବାର୍ତ୍ତା ଦିଆଯାଇଥିଲା। ଗାଡି ଚଳାଇବା ସମୟରେ ମୁଣ୍ଡରେ ହେଲମେଣ୍ଟ ଓ କାର ଚାଳକମାନେ ସିଟ୍‌ବେଲ୍ଟ ପରିଧାନ କରିବାକୁ କୁହାଯାଇଥିଲା। ନିଜ ପାଖରେ ଆଧାର କାର୍ଡ ସହ ଗାଡିର ସମସ୍ତ କାଗଜପତ୍ର ରଖିବା, ମଦ୍ୟପାନ ନ କରିବା,ମୋବାଇଲ ବ୍ୟବହାର ନ କରିବା ସହ ଦ୍ରୁତଗତିରେ ଗାଡ଼ି ନ ଚଲାଇବାକୁ ପରାମର୍ଶ ଦିଆଯାଇଥିଲା। ରଘୁନାଥପୁର ଥାନା ପକ୍ଷରୁ ଆଇଆଇସି ସୁଶାନ୍ତ କୁମାର ସେଠୀ ଓ ଏସ୍‌ଆଇ ନିଲମ ସୋରେନ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମୋ କଲେଜ ସଭାପତି ଅମ୍ବିକା ପ୍ରସାଦ ଦାସ ଓ ସଦସ୍ୟ ମନରଞ୍ଜନ ସ୍ୱାଇଁ, ଅଧାପିକା ସ୍ମିତା ମହାନ୍ତି, ଯାଜ୍ଞସେନୀ ମହାନ୍ତି, ଦୀପ୍ତିମୟୀ ଜେନା, ରଞ୍ଜିତା ମହାନ୍ତି ଏବଂ କର୍ମଚାରୀ ଦୈତାରି ଜେନା ଓ ରବୀନ୍ଦ୍ର ଦାସ ଏଥିରେ ସହଯୋଗ କରିଥିଲେ।

# ନିଆଁରେ ୮ ଏକର ଧାନ କିଆରି ଜଳିଗଲା

**୧୪ ଚାଷୀ ପରିବାର କ୍ଷତିଗ୍ରସ୍ତ**



ବାଲିକୁଦା, ୩୦।୧୨(ତାପସ ସ୍ୱାଇଁ)

ବାଲିକୁଦା ଥାନା ଅନ୍ତର୍ଗତ ଗରାମସ୍ଥିତ ଗହୀର ବିଲରେ ଶନିବାର ମଧ୍ୟାହ୍ନରେ ନିଆଁଲାଗି ୮ ଏକରରୁ ଊର୍ଦ୍ଧ୍ୱ ଧାନ କିଆରି ପୋଡ଼ିଯାଇଛି। ଫଳରେ ଅମଳ ଅପେକ୍ଷାରେ ଥିବା ପ୍ରାୟ ୨୫୦ କୁଇଣ୍ଟାଲ ଧାନ ପୋଡ଼ି ପାଉଁଶ ହୋଇଯାଇଛି। ଏଥିରେ ଗରାମ ଓ ଅରିଲୋ ଦୁଇ ପଞ୍ଚାୟତର ୧୪ ଚାଷୀ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନେ ହେଲେ ନାରାୟଣ ସାହୁ, ବାସୁଦେବ ଦାସ, ଦାମୋଦର ସାହୁ, ରମେଶ ନାୟକ, ବଂଶୀଧର ସେଠୀ, ପ୍ରଶାନ୍ତ ସେଠୀ, କାଳନ୍ଦୀ ବିଶ୍ୱାଳ, ଅନାମ ଚରଣ ଲେଙ୍କା, କାହ୍ନୁ ଚରଣ ଲେଙ୍କା, ନିରଞ୍ଜନ ବିଶ୍ୱାଳ, ଅନାଦି ଲେଙ୍କା, କୃପାସିନ୍ଧୁ ସେନାପତି, କୈଳାସ ସାମଲ ଓ ଗୁନ ସେନାପତି। ପୋଡ଼ିଯାଇଥିବା ଧାନର ମୂଲ୍ୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଖବରପାଇ ବାଲିକୁଦା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଅରିଲୋ ପଞ୍ଚାୟତ ସଦେଇପୁର ଗାଁର ଜଣେ ଚାଷୀଙ୍କ ଯୋଗୁ ଏହି ନିଆଁ ଲାଗିଥିବା ନେଇ ବାଲିକୁଦା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଚାଷୀ ଧାନକଟା ମେଶିନରେ କିଆରିରୁ ଧାନ କାଟି ଅମଳ କରିଥିଲେ। ଏହାପରେ ବିଲରେ ପଡ଼ିଥିବା କୁଟା ବା ନଡ଼ାକୁ ପୋଡ଼ିବାକୁ ଯାଇ ଏଭଳି ଅଘଟଣ ଘଟିଥିଲା। ଖବରପାଇ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଥିଲେ ମଧ୍ୟ ନିଆଁ ଲିଭାଇବାକୁ ସକ୍ଷମ ହୋଇ ନ ଥିଲେ। ତୁରନ୍ତ ସରକାର ବିପନ୍ନ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଉଭୟ ପଞ୍ଚାୟତର ଲୋକେ ଦାବି କରିଛନ୍ତି।

# 'ଜନସାଧାରଣ ପୋଲିସକୁ ବନ୍ଧୁ ଭାବିବା ଉଚିତ'



ଆଲୋଚନାଚକ୍ରରେ ସାମିଲ ହୋଇଥିବା ପୋଲିସ ଅଧିକାରୀ ଓ ଅନ୍ୟମାନେ।

କୁଜଙ୍ଗ,୩୦।୧୨ (ମନୋଜ ପ୍ରଧାନ)

ଜନସାଧାରଣ ପୋଲିସକୁ ବନ୍ଧୁ ଭାବି ସହଯୋଗର ହାତ ବଢାଇଲେ ସମାଜରୁ ଅନ୍ୟାୟ ଅନୀତି ଓ ଦୁର୍ନୀତି ଅପସରି ଯିବ ବୋଲି ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଢିଙ୍କିଆଠାରେ ଆୟୋଜିତ ଆମ ପୋଲିସ କାର୍ଯ୍ୟକ୍ରମରେ ଥାନା ଅଧିକାରୀ ରାଜକିଶୋର ବେହେରା ମତ ପ୍ରକାଶ କରିଛନ୍ତି। ଢିଙ୍କିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜଗତ୍‌ସିଂହପୁର ଜିଲା ଆମ ପୋଲିସ ସମିତି ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଥାନା ଅଧିକାରୀ ବେହେରା କହିଥିଲେ, ଜନ ସାଧାରଣ ଓ ପୋଲସି ମଧ୍ୟରେ ଦୂରତା କମିଲେ ଅପରାଧ କମିଯିବ। ତେଣୁ ଆସନ୍ତୁ ପରସ୍ପର ବନ୍ଧୁତ୍ୱର ହାତ ବଢାଇବା। ଗ୍ରାମସଭାପତି ନୃସିଂହ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଢିଙ୍କିଆ ପଞ୍ଚାୟତ ଅନ୍ତର୍ଗତ ୨୨ଟି ୱାର୍ଡର ସଭ୍ୟଙ୍କ ସହ ନାଏବ ସରପଞ୍ଚ ଅନିତା ସ୍ୱାଇଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ଜେନା, ଅକ୍ଷୟ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ମହାନଦୀ ମୁହାଣ ଅଞ୍ଚଳରେ ଭୋଜିର ଆସର

ପାରାଦୀପ,୩୦।୧୨(ଶରତ ରାଉତ)

ପାରାଦୀପର ବିଭିନ୍ନ ଦର୍ଶନୀୟ ସ୍ଥାନରେ ଏବେ ପର୍ଯ୍ୟଟକଙ୍କ ଭୀଡ ଜମିବାରେ ଲାଗିଛି। ଇଂରାଜୀ ନୂଆବର୍ଷ ଉପଲକ୍ଷେ ହଜାରରୁ ଅଧିକ ପର୍ଯ୍ୟଟକ ନେହେରୁ ବଙ୍ଗଳା ମହାନଦୀ ମୁହାଣ ନିକଟରେ ପହଞ୍ଚି ଭୋଜିର ଆସର କରୁଛନ୍ତି। ସେହିପରି ପାରାଦୀପ ବନ୍ଦର ୫ ନଂ. ଗେଟ ପାଖକୁ ଲୋକେ ଆସି ବିଦେଶୀ ପଣ୍ୟବାହୀ ଜାହାଜ ଦେଖୁଛନ୍ତି।ସେହିପରି ବତୀଘର ପାଖ ବେଳାଭୂମିରେ ମଧ ଭୀଡ ରହିଛି। ଶନିବାର ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥିବାରୁ ଅଠରବାଙ୍କିରୁ ନେହେରୁବଙ୍ଗଳା ପର୍ଯ୍ୟନ୍ତ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ପାରାଦୀପରେ ନେହେରୁ ବଙ୍ଗଳା ପଥରବନ୍ଧ, ଜାହାଜ, ଦୀର୍ଘ ବେଳାଭୂମି, ବତୀଘର, ଜଳଜୀବ ସଂଗ୍ରହାଳୟ, ଡପ୍ପଲାର ରାଡାର, ସାଇନ୍ସ ପାର୍କ, ରତ୍ନବଟ, ଉଦୟବଟ, ପାରେଶ୍ୱର ମନ୍ଦିର, ଲୋକନାଥ ମନ୍ଦିର ଭଳି ଅନେକ ଆକର୍ଷଣୀୟ ସ୍ଥାନ ରହିଛି। ଏହାବାଦ୍ ଜଗତ୍‌ସିଂହପୁର ଜିଲାରେ ଗୋରେଖନାଥ ପୀଠ, ଶାରଳା ମନ୍ଦିର, ଶିଆଳି ବେଳାଭୂମି ଭଳି ସ୍ଥାନ ରହିଛି। ଶନିବାର ଓ ରବିବାର ଥିବାବେଳେ ସୋମବାର ଇଂଲିଶ୍ ନବବର୍ଷ ଥିବାରୁ ଅଧିକ ଭିଡ଼ ପରିଲକ୍ଷିତ ହେଉଛି ବୋଲି ସୂଚନା ମିଳିଛି।

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଏରସମା,୩୦।୧୨ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ସମୁଦ୍ର ବେଳାଭୂମିରେ ଶୁକ୍ରବାର ଏରସମା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୯ ବ୍ୟାଚ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର ଅଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାଇଁ ଚରଣ ମୁଦୁଲି, ବ୍ରଜକିଶୋର ଜେନା, ଗନ୍ଧର୍ବ ଚନ୍ଦ୍ର ଦାସ, ରମେଶ ଚନ୍ଦ୍ର ପରିଡା, ଅମ୍ବିକା ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଆଇନଜୀବୀ ଦେବ ରଞ୍ଜନ ରାୟ ଓ ଛାତ୍ରୀ କବିତା ତ୍ରିପାଠୀ ସଭା ପ୍ରାରମ୍ଭରେ ସମସ୍ତଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ।

# ମନ, ଶରୀର ସୁସ୍ଥ ରଖେ କ୍ରୀଡ଼ା

ବିରିଡି,୩୦।୧୨(ପ୍ରଶାନ୍ତ କୁମାର ରାଉତ)

**ଯୁବ ଓଡ଼ିଶା ନବୀନ ଓଡ଼ିଶା ଉଦ୍‌ଯାପିତ**

କ୍ରୀଡ଼ା ଦ୍ୱାରା ମନ ଶରୀର ସୁସ୍ଥ ରହିବା ସହ ନୂତନ ଚିନ୍ତାଧାରାର ଉଦ୍‌ବେଗ ହେବ ବୋଲି ଶନିବାର ବିରିଡି ବ୍ଲକ ସିଦ୍ଧେଶ୍ୱର ସଂସ୍କୃତ ମହାବିଦ୍ୟାଳୟ ଗୋଲପୁରରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଉଦ୍‌ଯାପନୀ ଉତ୍ସବରେ ବକ୍ତାମାନେ ମତପୋଷଣ କରିଛନ୍ତି। ମହାବିଦ୍ୟାଳୟର ପରିଚାଳନା ସଭାପତି ବନମାଳୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟର ଅଧକ୍ଷ ଡ. ନରେନ୍ଦ୍ର ନାଥ ବସ୍ତିଆ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥିଭାବେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ମୁଖ୍ୟ ବକ୍ତାଭାବେ ଜିଲା ବିଜେଡି ସମ୍ପାଦକ ନୃସିଂହ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ମମତା ପାତ୍ର, ଉପାଧକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ସଭ୍ୟ ଚନ୍ଦ୍ର ଶେଖର ଦାଶ, ଯୁବ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ୍ତ ଭୂୟାଁ, ନେତ୍ରାନନ୍ଦ ପାତ୍ର, କାଳନ୍ଦି ଚରଣ ବସ୍ତିଆ, ପୁରଣ ସେବା ସମବାୟ ସମିତି ସଭାପତି ନନ୍ଦକିଶୋର ବସ୍ତିଆ, ସରପଞ୍ଚ ଯୁଧିଷ୍ଠିର ବେହେରା ଯୋଗଦେଇ ଉପରୋକ୍ତ ମତ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ କରାଯାଇଥିଲା ଏଥିସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଦୀପ୍ତିରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ।

# ବାଲ୍ୟବିବାହ ରୋକିବାକୁ ସମସ୍ତଙ୍କ ଉଦ୍ୟମ ଜରୁରୀ

ଜଗତ୍‌ସିଂହପୁର, ୩୦।୧୨
(ପ୍ରମୋଦ କୁମାର ନାୟକ)


କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

- ଜିଲାସ୍ତରୀୟ 'ଶିଶୁ ପାଇଁ ଦିନଟିଏ' ତ୍ରୈମାସିକ ବୈଠକ
- ବେଟୀ ବଚାଓ ବେଟୀ ପଢ଼ାଓ ଯୋଜନାରେ ୨୧ ଜଣଙ୍କୁ ସମ୍ବର୍ଦ୍ଧନା

ଜଗତ୍‌ସିଂହପୁର ଏକ ଶିକ୍ଷିତ ଜିଲା ହୋଇଥିଲେ ବି ବାଲ୍ୟବିବାହ ବନ୍ଦ ହୋଇନି। ଏହାକୁ ରୋକିବା ଉପରେ ବିଭିନ୍ନ ସମୟରେ ପ୍ରଶାସନିକସ୍ତରରେ ଆଲୋଚନା ହେଉଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଶତ ପ୍ରତିଶତ ସଫଳତା ମିଳିପାରିନାହିଁ। ତେବେ ଆଗାମୀ ଦିନରେ ଯେପରି ଏହାକୁ ରୋକାଯାଇପାରିବ ସେନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ 'ଶିଶୁ ପାଇଁ ଦିନଟିଏ' ଶୀର୍ଷକ ତୈମାସିକ ବୈଠକରେ ଆଲୋଚନା ହୋଇଛି। ଏଥିରେ କୁହାଯାଇଥିଲା କନ୍ୟା ସନ୍ତାନ ହେଉଛନ୍ତି ଅମୂଲ୍ୟ ରତ୍ନ। ସେମାନେ ପୁଅମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ଜିଲାରେ ବାଲ୍ୟବିବାହ ରୋକିବା ପାଇଁ ସମସ୍ତେ ଉଦ୍ୟମ କରିବା ଜରୁରୀ। ବିଶେଷକରି ପ୍ରତି ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡିପିଓ) ଏବଂ ଜିଲା ସଂଯୋଜକ ମିଳିତ ଭାବେ କାର୍ଯ୍ୟ କରିବାକୁ ହେବ। ଗାଁସ୍ତରରେ ଅଙ୍ଗନୱାଡି କର୍ମୀ ଏବଂ ଆଶାକର୍ମୀମାନେ ବାଲ୍ୟବିବାହ ସମ୍ପର୍କିତ ସୂଚନା ସଂଗ୍ରହ କରିପାରିଲେ ଅନେକ କ୍ଷେତ୍ରରେ ଏହାକୁ ରୋକାଯାଇପାରିବ। ଅନ୍ୟପଟେ କେତେକ ସ୍ଥାନରେ ଶିକ୍ଷାନୁଷ୍ଠାନ ନିକଟରେ ଗୁଟ୍‌ଖା, ସିଗାରେଟ୍ ଆଦି ନିଶାଦ୍ରବ୍ୟ ବିକ୍ରି ହେଉଛି। ଗ୍ୟାରେଜ୍, ଢାବା ଓ ହୋଟେଲ ଆଦି ସ୍ଥାନରେ ନାବାଳକମାନେ କାମ କରୁଥିବା ନଜିର ରହିଛି। ଏସବୁ ସ୍ଥାନରେ ପୋଲିସ ସହାୟତାରେ ଚଢ଼ାଉ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଗଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ମୋଟାମୋଟି ଭାବେ ବାଲ୍ୟବିବାହ ବନ୍ଦ, ଶିଶୁମାନଙ୍କୁ ଉତ୍ତମ ପରିବେଶ ଏବଂ ସୁରକ୍ଷା ଦିଆଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲାପାଳ ପାରୁଲ ପଟାୱାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ମନୋଜ ଭୋଇ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଲମ୍ବୋଜିତ୍ ରାଉତ, ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ ବେହେରା, ଜଗତ୍‌ସିଂହପୁର ବ୍ଲକ ଅଧକ୍ଷା କନକପ୍ରଭା ଲେଙ୍କା ଓ କୁଜଙ୍ଗ ବ୍ଲକ ଅଧକ୍ଷା ନିନାରାଣୀ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ ସ୍ୱାଗତ ସୂଚନା ଦେବା ସହ ଜିଲା ବାଲ୍ୟବିବାହ ନିରୋଧ ଟାସ୍କଫୋର୍ସ, ଜଏଣ୍ଟ ଆକ୍ସନ ପ୍ଲାନ ଅନ୍ ପ୍ରିଭେନ୍ସନ ଅଫ୍ ଡ୍ରଗ୍ ଆଣ୍ଡ ସବ୍‌ଷ୍ଟାନ୍ସ ଆବ୍ୟୁଜ୍, ଇଲିସିଟି ଟ୍ରାଫିକିଂ, ଶିଶୁ ମଙ୍ଗଳ ସମିତି, ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ ଯତ୍ନ ଅନୁଷ୍ଠାନ ସମ୍ପର୍କରେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯାଇଥିଲା। ବୈଠକରେ ୧୯ ବର୍ଷରୁ କମ୍ ଗର୍ଭବତୀ ବାଳିକାଙ୍କୁ ଚିହ୍ନଟ ଓ ଏହାର ନିରାକରଣ, ବିଦ୍ୟାଳୟରୁ ଡ୍ରପଆଉଟ୍ ଚିହ୍ନଟ, ଉଚ୍ଚଶିକ୍ଷା ପାଇଁ ଗ୍ରୀନ୍ ପ୍ୟାସେଜ୍, ବାଲ୍ୟବିବାହ ମୁକ୍ତ ଗ୍ରାମ ଓ ବିଦ୍ୟାଳୟରେ ପ୍ରହରି କ୍ଲବ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ ବେଟି ବଚାଓ ବେଟି ପଢ଼ାଓ ଯୋଜନା ଅଧୀନରେ ୧୦ମ ଶ୍ରେଣୀରେ ବ୍ଲକସ୍ତରରେ ଅଧିକ ନମ୍ବର ରଖିଥିବା ୨୧ କୃତୀ ଛାତ୍ରୀଙ୍କୁ ୫ ହଜାର ଟଙ୍କା, ଗଛ ଚାରା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜିଲାରେ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଡିସିପିୟୁ ଲିଗାଲ ପ୍ରୋବେଶନ ଅଫିସର ଜଗନ୍ନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।

# ୧ରୁ କଡ଼ାକଡ଼ି ହେବ ଧରପଗଡ଼

ନୟାଗଡ଼,୩୦।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ସଡ଼କ ସୁରକ୍ଷା ସପ୍ତାହ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୧ରୁ ୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସଡ଼କ ସୁରକ୍ଷା ସପ୍ତାହ ଓ ପରବର୍ତ୍ତୀ ସମୟରେ ଦୁର୍ଘଟଣା, ମୃତକ ଓ ଆହତଙ୍କ ସଂଖ୍ୟା ହ୍ରାସ ପାଇଁ ଗୁରୁତ୍ୱ ଦିଆଯାଇଛି । ସଡ଼କ ସୁରକ୍ଷା ସପ୍ତାହକୁ କଡାକଡି ପାଳନ କରାଯାଇ ଧରପଗଡ଼କୁ ତ୍ୱରାନ୍ୱିତ କରାଯିବ ବୋଲି କୁହାଯାଇଛି। ଦୁର୍ଘଟଣାକୁ ଏଡାଇବା ପାଇଁ ପୂର୍ତ୍ତ ଓ ଜାତୀୟ ରାଜପଥ ବିଭାଗକୁ ସଡ଼କର ଖାଲଖମା ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୁଣି ବିଭିନ୍ନ ସ୍ଥାନରେ ବୁଦୁବୁଦିଆ ଜଙ୍ଗଲ ଓ ଗଛ ଦୁର୍ଘଟଣାର କାରଣ ହେଉଥିବାରୁ ସେଗୁଡିକୁ ମଧ୍ୟ ସଫେଇ କରାଯିବାକୁ ନିଷ୍ପତ୍ତି ହୋଇଛି। ରାସ୍ତାରେ ଥିବା ବେଆଇନ ହମ୍ପସକୁ ମଧ୍ୟ ଉଚ୍ଛେଦ କରାଯିବ । ୧୨ ହଜାର ଯାନବାହନର ଡ୍ରାଇଭରଙ୍କୁ ମାଗଣା ତାଲିମ ପ୍ରଦାନ କରାଯିବ ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

- ଦୁର୍ଘଟଣା,ମୃତକଙ୍କ ସଂଖ୍ୟା ହ୍ରାସ ପାଇଁ ପଦକ୍ଷେପ
- ମରାମତି ହେବ ସଡ଼କର ଖାଲଖମା
- ସଫେଇ ହେବ ଗଛ,ବୁଦା
- ଉଚ୍ଛେଦ ହେବ ବେଆଇନ ହମ୍ପସ
- ପିକ୍‌ନିକ୍ ସ୍ପଟ୍‌ରେ ଝୁଲିବ ସଚେତନତା ବାର୍ତ୍ତା
- ୧୨ ହଜାର ଯାନବାହନ ଚାଳକଙ୍କୁ ଦିଆଯିବ ମାଗଣା ତାଲିମ

ଡିସେମ୍ବର, ଜାନୁୟାରୀରେ ବେଶି ଦୁର୍ଘଟଣା ହେଉଥିବାରୁ ସଚେତନତାକୁ କଡାକଡି କରାଯାଇଛି । ମଦ୍ୟପାନ କରି ଗାଡ଼ି ଚାଳନା ନ କରିବାକୁ ସଚେତନତା କରାଯାଉଛି । ଏପରି କି ସଡ଼କ ସୁରକ୍ଷା ନିୟମ ମାନନ୍ତୁ ଓ ପରିବାର ସହ ସୁଖଦ ବଣଭୋଜିର ଆନନ୍ଦ ଉଠାନ୍ତୁ ଲେଖାଥିବା ଇଂଲିଶ ଓ ଓଡିଆ ବ୍ୟାନର ପିକନିକ ସ୍ଥଳରେ ଝୁଲିବ । ପୁଣି ସଚେତନତା ପାଇଁ ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ ଓ ଦଶପଲ୍ଲା ଥାନା ସମ୍ମୁଖରେ ସଡ଼କ ସୁରକ୍ଷା ଉପରେ ଦୁଇଟି ବଡ ଗେଟ୍ କରାଯାଇ ସଚେନତା କରାଯିବ । ଦ୍ରୁତ ଗତିରେ ଗାଡି ଚାଳନାକୁ ରୋକିବାକୁ ଇଣ୍ଟର ସେପ୍ଟର ଗାଡି ପରିକ୍ରମା କରିବ। ମଦ୍ୟପ ଧରପଗଡ଼ ପାଇଁ ପ୍ରତି ମଙ୍ଗଳବାର ଚେକିଂ ହେଉଛି। ଏହାକୁ ତ୍ୱରାନ୍ୱିତ କରାଯିବ । ବ୍ଲାକ୍ ସ୍ପଟ୍‌ରେ ରମ୍ବଲର୍ସ କରାଯିବ । ସାଇନେଜ ବୋର୍ଡ କିଛି ସ୍ଥାନରେ ରହିଛି । ନୂଆ ସ୍ଥାନରେ ରହିବ ।

ଜିଲାର୧୯୪ ପଞ୍ଚାୟତରେ ସଡ଼କ ସୁରକ୍ଷା ଜୀବନ ରକ୍ଷା ଉପରେ ସଭା କରାଯିବ । ଆଞ୍ଚଳିକ ପରିବହନ ଅଫିସ ପକ୍ଷରୁ ନବଘନପୁର, ଲେଙ୍କୁଠିପଡା, ଚମ୍ପତିପୁର, ଲକ୍ଷ୍ମୀପ୍ରସାଦ ୪ ପଞ୍ଚାୟତରେ ଶେଷ ହୋଇଥିବା କୁହାଯାଇଛି । ବାଇକ୍ ଚାଳନା ବେଳେ ହେଲମେଟ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି । ପୁଣି ନାବାଳକମାନଙ୍କୁ ଗାଡି ଚାଳନା ନ କରିବାକୁ କୁହାଯାଇଛି । ଗାଡ଼ି ଚାଳନା କଲେ ଜରିମାନା ସହ ଅଭିଭାବକ ଓ ସ୍କୁଲ, କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । ପୁଣି ସଡ଼କ ସୁରକ୍ଷାର ବାର୍ତ୍ତା ଏଲଇଡି ଦ୍ୱାରା ସଚେତନତା କରାଯିବ । ଶର୍ଟ ଫିଲମ୍ ସ୍କୁଲ ,କଲେଜ ଓ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରାଯିବ । ସ୍କୁଲ କଲେଜରେ ସଡ଼କ ସୁରକ୍ଷା ସଚେତନତାର ବାର୍ତ୍ତା ବଣ୍ଟନ ପାଇଁ ପ୍ରତିଯୋଗିତା କରାଯିବ। ବୈଠକରେ ଜିଲାପାଳ ଯୋଗ ଦେବାର ଥିଲା । ତେବେ ଜିଲାପାଳ ଭିଡିଓ କନଫେରେନ୍ସରେ ରହିବାରୁ ଅତିଥିଙ୍କ ସିଟ୍ ଖାଲି ରହିଥିଲା । ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ ପରିଡା, ଡିଏସ୍‌ପି ହେମନ୍ତ ରାଓ, ଏମଭିଆଇ ପଞ୍ଚାନନ ବେହେରା, ଡ୍ରାଇଭର, ବସ୍ ଓ ମାଲିକ ସଂଘ କର୍ମକର୍ତ୍ତା, ଟ୍ରକ ଓ ଅଟୋ ଡ୍ରାଇଭର ସଂଘର କର୍ମକର୍ତ୍ତା, ଜିଲାସ୍ତରୀୟ ଗଣମାଧ୍ୟମର ପ୍ରତିନିଧି ଏହି ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ ।

# ୪୦ଲକ୍ଷ ଟଙ୍କା ଖର୍ଚ୍ଚ ପରେ ବି କଲ୍ୟାଣ ମଣ୍ଡପ ନିର୍ମାଣ କାମ ଅଧା

ନୂଆଗାଁ,୩୦।୧୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବେରୁହାଁବାରି ପଞ୍ଚାୟତରେ ଦୀର୍ଘ ବର୍ଷ ହେଲା କଲ୍ୟାଣ ମଣ୍ଡପ ଅଧପନ୍ତରିଆ ଭାବେ ପଡ଼ି ରହିଛି । ବେରୁହାଁବାରି ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ଲୋକମାନଙ୍କ ସାମୁହିକ କାର୍ଯ୍ୟ , ବିବାହ ବ୍ରତଘର ଆଦିର ସୁବିଧା ପାଇଁ କଲ୍ୟାଣ ମଣ୍ଡପ ନିର୍ମାଣ କରିବା ନିମନ୍ତେ ସରକାର ଅନୁଦାନ ଦେଇଛନ୍ତି । କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୨୧ ମାର୍ଚ୍ଚ ୨୦୨୧ରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭ ଦେଇଥିଲେ । ଏହି କାର୍ଯ୍ୟ ପାଇଁ ପ୍ରଥମ ପର୍ଯ୍ୟାୟରେ ୩୫ ଲକ୍ଷ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୦୧୯-୨୦ ଆର୍ଥିକ ବର୍ଷରେ ରାଜ୍ୟ ଅର୍ଥ କମିଶନରୁ ୫ ଲକ୍ଷ ଏପରି ମୋଟ ୪୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି । ୪୦ ଲକ୍ଷ ଟଙ୍କା ବ୍ୟୟ ହେବା ପରେ ମଧ୍ୟ କଲ୍ୟାଣ ମଣ୍ଡପ କାର୍ଯ୍ୟ ଶେଷ ହୋଇ ପାରୁ ନାହିଁ କିମ୍ବା ଜନସାଧାରଣ ତାହାର ସୁଫଳ ପାଇ ପାରୁ ନାହାନ୍ତି । ନିର୍ମାଣ କାର୍ଯ୍ୟ ଅଧାରେ ପଡି ରହିଥିବାରୁ ଲୋକମାନେ ସେଠାରେ ଧାନ ବିଡା ଗଦା କରିବା ସହ ଘର ଭିତରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି । ଠିକ୍ ଭାବେ ନିର୍ମାଣ କାର୍ଯ୍ୟ କରାଯାଇ ନ ଥିବାରୁ ଛାତ ବିମ୍‌ର ଅନେକ ସ୍ଥାନରେ ଛଡ ଦିଶୁଛି । ସେହି ଛଡରେ ପବନ ବାଜିବା ପରେ ତାହା ନଷ୍ଟ ହେବାର ସମ୍ଭାବନା ରହିଛି । ଯାହାକି କଲ୍ୟାଣ ମଣ୍ଡପର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତେଣୁ କାମ ଶୀଘ୍ର ସମ୍ପୂର୍ଣ୍ଣ କରି ଲୋକଙ୍କ କାର୍ଯ୍ୟରେ ଲଗାଯାଉ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଖୁବ୍‌ଶୀଘ୍ର ସେହି କାମ ପ୍ରତି ଦୃଷ୍ଟି ଦିଆଯିବ ବୋଲି ନୂଆଗାଁ ବିଡିଓ ବାସୁଦେବ ନାୟକ କହିଛନ୍ତି।



ଅଧାପନ୍ତରିଆ ଭାବେ ରହିଥିବା ବେରୁହାଁବାରି କଲ୍ୟାଣ ମଣ୍ଡପ ।

# ଅପବାଦର ସମ୍ମିଳିତ ସ୍ୱର ବଖାଣିଲା ବାଞ୍ଛର ବେଦନା



ନାଟକ 'ବାଞ୍ଛ'ର ଏକ ଦୃଶ୍ୟ ।

## ନୟାଗଡ଼ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ନୟାଗଡ଼,୩୦।୧୨(ଲୋକନାଥ ମିଶ୍ର)

ଶନିବାର ଥିଲା ନୟାଗଡ଼ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା । ମଞ୍ଚରେ ଦେଖିବାକୁ ମିଳିଥିଲା ସାମାଜିକ ରୀତିନୀତି, ବ୍ୟବସ୍ଥା, ବିଚାରବୋଧ ଆଧାରିତ ସଂସ୍କାରଧର୍ମୀ ନାଟକ ବାଞ୍ଛ। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରେକ୍ଷାଳୟଠାରେ ସିରିୟସ ଜୋନ ନୟାଗଡ଼ର କଳାକାରମାନଙ୍କୁ ନେଇ ଅଭିନୀତ ହୋଇଥିଲା ନାଟକ । ନାଟକରେ ଅନେକ ଚରିତ୍ର ଥିଲେ ମଧ ଅବିନାଶ ଓ ସୁନନ୍ଦାଙ୍କ ଚରିତ୍ର ଉପରେ ନାଟକ ପର୍ଯ୍ୟବେସିତ ଥିଲା। ଅବିନାଶ ଓ ସୁନନ୍ଦାଙ୍କ କଠୋର ନିଷ୍ପତ୍ତି ଥିଲା ଆମ ତଥାକଥିତ ସାମାଜିକ ବ୍ୟବସ୍ଥା ପ୍ରତି ଏକ ଶକ୍ତ ଧକ୍କା । ଗତାନୁଗତିକ ଜୀବନର ପ୍ରବାହ ପ୍ରତି ଏକ ଆହ୍ୱାନ । ସାମାଜିକ ବ୍ୟବସ୍ଥା ଯେଉଁଠି ଅଟକିଯାଏ ସେଇଠି ନାରୀ ହିଁ ପ୍ରଥମେ ଆଲୋଚନାର ଶରବ୍ୟ ହୁଏ । ଅପବାଦର ସମ୍ମିଳିତ ସ୍ୱର ତାକୁ ବିଚଳିତ କରି ପକାଏ। କେବଳ ସମାଜ କାହିଁକି ନିଜ ପରିବାର, ଆତ୍ମୀୟସ୍ୱଜନମାନଙ୍କ କଠୋର ଆକ୍ରୋଶରେ ବାରମ୍ବାର ଝୁଣ୍ଟି ପଡୁଥାଏ। ଏଭଳି ଶିକାର ହୋଇଥିଲା ସୁନନ୍ଦା। ବାରମ୍ବାର ଝୁଣ୍ଟିପଡି ପୁଣି ଚାଲିବାର ସାମର୍ଥ୍ୟ, ସାହସ, ସଂକଳ୍ପ କେବଳ ନାରୀ ପାଖରେ ଥାଏ । ଯାହା ସୁନନ୍ଦାଙ୍କ କ୍ଷେତ୍ରରେ ନାଟକରେ ଦେଖିବାକୁ ମିଳିଥିଲା। ନାଟକକୁ ଦେଖିବା ପରେ ଏହାର ଚରିତ୍ରମାନଙ୍କୁ କେବେ ନିଜ ଭିତରେ କେବେ ପରିବାରରେ କେବେ ସମାଜରେ ଭେଟିଲା ପରି ଦର୍ଶକ ଅନୁଭବ କରିଥିଲେ ନାଟକକୁ ଦେଖି।

ଅଜୟ ମହାପାତ୍ରଙ୍କ ଏମିତି ଏକ ସୁନ୍ଦର କାହାଣୀକୁ ନାଟ୍ୟରୂପ ଦେଇଛନ୍ତି ନାଟ୍ୟକାର କୈଳାଶ ଓଝା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଯାମିନୀକାନ୍ତ ମିଶ୍ର। ଅଭିନୟରେ ଯାମିନୀ, ପବିତ୍ର, ରାମ, କମଳ, ଗତିକୃଷ୍ଣ, ଅମ୍ଳାନ, ଶିବାନୀ, ସୋନାଲି ଓ ଧରିତ୍ରୀ ପ୍ରମୁଖଙ୍କୁ ଦେଖିବକୁ ମିଳିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲା ପରିଷଦର ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ନୟାଗଡ଼ ପୌର ପରିଷଦର ଅଧ୍ୟକ୍ଷା ନିରୁପମା ଖଟେଇ ଯୋଗଦେଇ ନାଟକର ବିଭିନ୍ନ ଦିଗଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଦୂରଦର୍ଶନ ଓ ମଞ୍ଚ ଅଭିନେତା ବିନାୟକ ମିଶ୍ର, ବରିଷ୍ଠ ସଂଗୀତଜ୍ଞ ପୂର୍ଣ୍ଣଚନ୍ଦ୍ର ଶତପଥୀ, ଖ୍ୟାତନାମା ମଞ୍ଚ ନିର୍ଦ୍ଦେଶକ ଭଗବତୀ ଚରଣ ପଟ୍ଟନାୟକଙ୍କୁ ନାଟକ ସମ୍ମାନ ପ୍ରଦାନ କରାଯାଇଥିଲା। । କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ କବି ଗୋପୀନାଥ ସେଠୀ। ସିରିୟସ ଜୋନ୍‌ର ସଭାପତି କିଷାନ କୁମାର ଦାସ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ସମ୍ପାଦକ ଯାମିନୀ କାନ୍ତ ମିଶ୍ର।

# ବେରୁହାଁବାରି ସୋସାଇଟିରେ ଅନିୟମିତତା

ନୂଆଗାଁ,୩୦।୧୨ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବେରୁହାଁବାରି ସେବା ସମବାୟ ସମିତି ପକ୍ଷରୁ ସୋସାଇଟିଠାରେ ଶନିବାର ଧାନ ମଣ୍ଡି ଉଦ୍‌ଘାଟନ କରାଯାଇଛି। ସୋସାଇଟିର ପରଚେଜ୍ କମିଟି ଓ ଚାଷୀମାନଙ୍କୁ ନ ଜଣାଇ ଧାନ ମଣ୍ଡି ଉଦ୍‌ଘାଟନ କରାଯାଇଥିବାରୁ ସୋସାଇଟିର ପରଚେଜ୍ କମିଟି ସଦସ୍ୟ ଓ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ହୋହଲ୍ଲା କରିଥିଲେ । ବେରୁହାଁବାରି ସୋସାଇଟି ସଭାପତି ନିଜ ମନମାନିରେ ସୋସାଇଟି ଚଳାଇଥିବା ନେଇ ଚାଷୀ ଓ ପରଚେଜ୍ କମିଟିର ସଦସ୍ୟମାନେ ଅଭିଯୋଗ କରିଛନ୍ତି ।

ନୂଆଗାଁ ବ୍ଲକ ବେରୁହାଁବାରି ସୋସାଇଟିରେ ପ୍ରାୟ ୪୫୦ ଜଣ ଚାଷୀ ଧାନ ମଣ୍ଡିରେ ନିଜର ନାମ ପଞ୍ଜିକରଣ କରିଥିବା ବେଳେ ସେଥିମଧ୍ୟରୁ ପ୍ରାୟ ୫୦ ଜଣ ଚାଷୀଙ୍କ ଆଗୁଆ ଟୋକନ ଆସିଛି । ଚାଷୀମାନେ ଧାନ ଅମଳ କରି ସାରିଛନ୍ତି। ତେଣୁ ଚାଷୀମାନେ ସୁବିଧା ଏବଂ ଉଚିତ୍ ମୂଲ୍ୟରେ ଧାନ ବିକ୍ରୀ କରିବା ପାଇଁ ସେବା ସମବାୟ ସମିତିରେ ମଣ୍ଡି ଖୋଲି ଧାନ କିଣିବାର ବ୍ୟବସ୍ଥା କରାଯାଇଛି । ସେହି ଧାନ କିଣାକୁ ଦତାରଖ କରିବା ପାଇଁ ପ୍ରତି ସୋସାଇଟିରେ ପରଚେଜ୍ କମିଟି ଗଠନ କରାଯାଇଛି । ଏତେ ସବୁ ବ୍ୟବସ୍ଥାକୁ ଫାଙ୍କି ଦେଇ ବେରୁହାଁବାରି ସେବା ସମବାୟ ସମିତି ସଭାପତି ନିଜ ଇଚ୍ଛାରେ ନିଜକୁ ସୁହାଇବା ଭଳି କାର୍ଯ୍ୟ କରୁଥିବା ସମ୍ପୃକ୍ତ ସୋସାଇଟିର ଚାଷୀ ଓ ପରଚେଜ୍ କମିଟି ସଦସ୍ୟମାନେ ଅଭିଯୋଗ କରିଛନ୍ତି। ସୋସାଇଟିଗୁଡ଼ିକରେ ଶୀଘ୍ର ମଣ୍ଡି ଖୋଲି ଚାଷୀଙ୍କଠାରୁ ଧାନ କିଣିବା ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଥିବାରୁ ଶନିବାର ବେରୁହାଁବାରି ସୋସାଇଟିରେ ପୂଜାର୍ଚ୍ଚନା କରି ମଣ୍ଡି ଖୋଲା ଯାଇଥିଲା। ତେବେ ଣ୍ଡି ଖୋଲିବା ବାବଦରେ କୌଣସି ଚାଷୀ କିମ୍ବା ପରଚେଜ୍ କମିଟିକୁ ସଭାପତି ଅବଗତ କରାଇ ନ ଥିଲେ । କିମ୍ବା କୌଣସି ଚାଷୀ ମଣ୍ଡିକୁ ଧାନ ଆଣି ନ ଥିଲେ । ମଣ୍ଡି ଖୋଲୁଥିବା ବାବଦରେ କୌଣସି ସୂତ୍ରରୁ ଖବର ପାଇ ଚାଷୀ ଛାଟିଆ ସାହୁ , ସୋମନାଥ ସାହୁ , କବିରାଜ ପ୍ରଧାନ ,ବାଉରିବନ୍ଧୁ ମହାକୁଡ଼, ଭଗବାନ ସାହୁ ଓ ପରଚେଜ୍ କମିଟିର ସଦସ୍ୟ ଭବାନୀ ପ୍ରସାଦ ଦେଓ ସୋସାଇଟିରେ ପହଞ୍ଚି ସଭାପତିଙ୍କ କାର୍ଯ୍ୟକଳାପକୁ ନିନ୍ଦା କରିବା ସହ ମିଲର ସହିତ ମିଶି ଚାଷୀ ମାରଣ ନୀତି ପାଇଁ ଯୋଜନା କରୁଥିବା କହିଥିଲେ। ମଣ୍ଡି ଖୋଲିବା ବାବଦରେ ଚାଷୀ ଓ ପରଚେଜ୍ କମିଟିକୁ ନ ଜଣାଇବା ସଂକ୍ରାନ୍ତରେ ସୋସାଇଟି ସେକ୍ରେଟାରୀ ଦଣ୍ଡପାଣି ଗୁରୁଙ୍କୁ ପଚାରିବାରେ ସମସ୍ତଙ୍କୁ ଅବଗତ କରାଇ ମଣ୍ଡି ଖୋଲିବା କଥା । ମୁଁ ସଭାପତିଙ୍କ ନିର୍ଦ୍ଦେଶରେ କାମ କରୁଛି । ତେଣୁ ସେ ଯାହା କହିଛନ୍ତି ମୁଁ ସେତିକି କରିଛି ବୋଲି କହିଥିଲେ । ତେବେ ଅଭିଯୋଗ ବାବଦରେ ସୋସାଇଟି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସମସ୍ତଙ୍କୁ ଡାକିବା କଥା କିନ୍ତୁ ମୁଁ ଡାକିନି ବୋଲି ସ୍ୱୀକାର କରୁଛି। ପରବର୍ତ୍ତୀ ସମୟରେ ସମସ୍ତଙ୍କୁ ଡାକି ଧାନ କିଣାବିକା ସଂକ୍ରାନ୍ତରେ ଆଲୋଚନା କରାଯିବ ଏବଂ ମଙ୍ଗଳବାରଧାନକିଣାଯିବବୋଲିକହିଛନ୍ତି।



ଭାପତିଙ୍କ ସହ ଚାଷୀମାନଙ୍କ ଯୁକ୍ତତର୍କ ଚାଲିଛି ।

## ପରଚେଜ୍ କମିଟି ଓ ଚାଷୀଙ୍କୁ ଅଣଦେଖା

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅର୍ପିତା



@ ଦେବଦତ୍ତ



@ ଦିପ୍ତାଞ୍ଜଳି



@ ରାଜେନ୍ଦ୍ର



@ ସତ୍ୟବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ



ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ରଣପୁର,୩୦।୧୨(ସୁକାନ୍ତ କିଶୋର ଡାକୁଆ)

ରଣପୁର ମା'ମଣିନାଗ ଦୁର୍ଗା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କର ଦ୍ୱାରା ପ୍ରସ୍ତାବିତ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଗତ ୭ ତାରିଖରୁ ଆରମ୍ଭ ହୋଇ ଶୁକ୍ରବାର ଉଦ୍‌ଯାପିତ ହୋଇ ଯାଇଛି । ପ୍ରତେକ ଦିନ ସାମାଜିକ କାର୍ଯ୍ୟ ସଚେତନ ବାଲ୍ୟ ବିବାହ ନିଶା ନିବାରଣ ଯୌତୁକ ପ୍ରଥାକୁ ବିରୋଧ ଅନ୍ଧବିଶ୍ୱାସ ଆଦି ଉପରେ ସାଧାରଣ ଲୋକଙ୍କୁ ମହାବିଦ୍ୟାଳୟ ଛାତ୍ରୀମାନେ ସଚେତନତା ଆଦି ବିଭିନ୍ନ ସାମାଜିକ ଓ ସଚେତନତା କରାଉଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ଯୋଗଦେଇ ସମାଜକୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ ପ୍ରତେକ ଦିନ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଥିଲା । ଏହାଦ୍ୱାରା ଛାତ୍ରୀମାନଙ୍କ ପ୍ରତିଭା ବିକଶିତ ହେଉଛି । ଶୁକ୍ରବାର ବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁକାନ୍ତି ଦେବୀଙ୍କ ପୌରୋହିତ୍ୟରେ ଆରମ୍ଭ ହୋଇଥିବା ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଯୋଗ ଦେଇ ଛାତ୍ରୀମାନଙ୍କ ଉନ୍ନତି ପାଇଁ କାର୍ଯ୍ୟକ୍ରମର ଉପାଦେୟତାର ବାର୍ତ୍ତା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି ଓ ପୂର୍ବତନ ପରିଚାଳନା କମିଟିର ପ୍ରଥମ ସମ୍ପାଦକ ଚନ୍ଦ୍ର ଶେଖର ସିଂ ସାମନ୍ତ. ଏବଂ ଗୋପାଳ ଚନ୍ଦ୍ର ଦାଶ, ଗୋବିନ୍ଦ ଚନ୍ଦ୍ର ପୃଷ୍ଟି, ମାଗୁଣି ଚରଣ ବେହେରା, ସନାତନ ଦାଶଙ୍କ ସମେତ ଯୋଗ ଦେଇଥିଲେ । ଆଧାପିକା ନୀଳିମା ନନ୍ଦ ସ୍ୱାଗତ ବକ୍ତବ୍ୟ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗୀତା ଯଥା କ୍ରୀଡା, ସାଂସ୍କୃତିକ ଓ ସମାଜସେବା କାର୍ଯ୍ୟକ୍ରମରେ ସଫଳ ହୋଇଥିବା ଛାତ୍ରୀମାନଙ୍କୁ ଅତିଥିମାନେ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମସ୍ତ କର୍ମଚାରୀ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ରୀତାଞ୍ଜଳି ଜେନା ଚମ୍ପିୟାନ ହୋଇଥିଲେ। ନୋଡାଲ ଅଫିସ ଗୀତାଞ୍ଜଳି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପାୱାର ଲିଷ୍ଟ ୨୦୨୩

ରୁଷିଆ-ୟୁକ୍ରେନ ଏବଂ ହମାସ୍-ଇସ୍ରାଏଲ ଯୁଦ୍ଧର ଆତଙ୍କରେ କଟିଛି ୨୦୨୩। ବିଶ୍ୱବାସୀ ଯୁଦ୍ଧର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବରେ ହନ୍ତସନ୍ତ ହୋଇଛନ୍ତି। ଦରଦାମ ବୃଦ୍ଧିର ଯନ୍ତ୍ରଣାରେ ଛଟପଟ ହୋଇଛନ୍ତି। ଏହାସାଙ୍ଗକୁ ପ୍ରକୃତି ମଧ୍ୟ କୋପ ଦେଖାଇ ବିପୁଳ ଧନଜୀବନ ହାନି ଘଟାଇଛି। ଦେଶଗୁଡ଼ିକରେ ଦେଖିବାକୁ ମିଳିଛି ଆର୍ଥିକ ଦୁଃସ୍ଥିତି। ଆଞ୍ଚଳିକଠାରୁ ଆରମ୍ଭ କରି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସବୁ କ୍ଷେତ୍ରରେ ନେତୃତ୍ୱ ନେଉଥିବା ବ୍ୟକ୍ତିମାନଙ୍କ ପାଇଁ ସ୍ଥିତି ସମ୍ଭାଳିବା ଆହ୍ୱାନପୂର୍ଣ୍ଣ ହୋଇଛି। ଏହାରି ଭିତରେ ଅନେକ ରାଜନୈତିକ ପରିବର୍ତ୍ତନ ଘଟିଛି। ଏଭଳି ପ୍ରଚ୍ଛଦପଟରେ ଓଡ଼ିଶା, ଭାରତ ଏବଂ ବିଶ୍ୱର ବିଭିନ୍ନ ବର୍ଗର କ୍ଷମତାକେନ୍ଦ୍ରଙ୍କୁ ନେଇ 'ଧରିତ୍ରୀ' ପକ୍ଷରୁ ଏହି ତାଲିକା ବିନା କୌଣସି କ୍ରମ ପ୍ରାଧାନ୍ୟରେ ପ୍ରସ୍ତୁତ କରାଯାଇଛି।

## ରାଜ୍ୟ



ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



କାର୍ତ୍ତିକ ପାଣ୍ଡିଆନ
୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ



ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷାମନ୍ତ୍ରୀ



ଧୀରେନ୍ଦ୍ର ଏସ୍. କୁଟ୍ଟେ
ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ



ଜୟନାରାୟଣ ମିଶ୍ର
ବିରୋଧୀ ଦଳ ନେତା



ପ୍ରଦୀପ କୁମାର ଜେନା
ମୁଖ୍ୟ ଶାସନ ସଚିବ



ଅରୁଣ ଷଡ଼ଙ୍ଗୀ
ଡିଜିପି (ଅତିରିକ୍ତ ଦାୟିତ୍ୱ)

## ଜାତୀୟ



ନରେନ୍ଦ୍ର ମୋଦି — ପ୍ରଧାନମନ୍ତ୍ରୀ
ଡି.ୱାଇ. ଚନ୍ଦ୍ରଚୂଡ଼ — ପ୍ରଧାନ ବିଚାରପତି
ଅମିତ ଶାହା — ସ୍ୱରାଷ୍ଟ୍ର ମନ୍ତ୍ରୀ
ସାକ୍ଷୀ ମଲ୍ଲିକ — କୁସ୍ତି ଯୋଦ୍ଧା



ପି.କେ. ମିଶ୍ର — ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ
ଯୋଗୀ ଆଦିତ୍ୟନାଥ — ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ
ଗୌତମ ଆଦାନୀ — ଚେୟାରମ୍ୟାନ, ଆଦାନୀ ଗ୍ରୁପ୍
ସୋନିଆ ଗାନ୍ଧୀ — ବରିଷ୍ଠ କଂଗ୍ରେସ ନେତ୍ରୀ
ମୋହନ ଭାଗବତ — ଆର୍‌ଏସ୍‌ଏସ୍ ମୁଖ୍ୟ



ମଲ୍ଲିକାର୍ଜୁନ ଖାର୍ଗେ — ଏଆଇସିସି ଅଧ୍ୟକ୍ଷ
ରାହୁଲ ଗାନ୍ଧୀ — କଂଗ୍ରେସ ନେତା
ଏନ୍ ଚନ୍ଦ୍ରଶେଖରନ୍ — ଚେୟାର୍‌ମ୍ୟାନ୍, ଟାଟା ସନ୍ସ
ଜେ.ପି. ନଡ୍ଡା — ଭାଜପା ଅଧ୍ୟକ୍ଷ
ନୀତୀଶ କୁମାର — ବିହାର ମୁଖ୍ୟମନ୍ତ୍ରୀ



ଏମ୍.କେ. ଷ୍ଟାଲିନ — ତାମିଲନାଡୁ ମୁଖ୍ୟମନ୍ତ୍ରୀ
ଏ. ରେଭନ୍ତ ରେଡ୍ଡୀ — ତେଲଙ୍ଗାନା ମୁଖ୍ୟମନ୍ତ୍ରୀ
ଡି.କେ. ଶିବକୁମାର — କର୍ଣ୍ଣାଟକ ଉପ ମୁଖ୍ୟମନ୍ତ୍ରୀ
ମମତା ବାନାର୍ଜୀ — ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ
ଅରବିନ୍ଦ କେଜ୍‌ରିୱାଲ — ଦିଲ୍ଲୀ ମୁଖ୍ୟମନ୍ତ୍ରୀ



ହିମନ୍ତ ବିଶ୍ୱଶର୍ମା — ଆସାମ ମୁଖ୍ୟମନ୍ତ୍ରୀ
ମୁକେଶ ଅମ୍ବାନୀ — ଚେୟାରମ୍ୟାନ୍, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍
ଅଜିତ ଡୋଭାଲ — ଜାତୀୟ ସୁରକ୍ଷା ପରାମର୍ଶଦାତା
ଶାହରୁଖ ଖାନ୍ — ଅଭିନେତା
ପିନାରାୟୀ ବିଜୟନ୍ — କେରଳ ମୁଖ୍ୟମନ୍ତ୍ରୀ



ଓମ୍ ବିର୍ଲା — ଲୋକ ସଭା ବାଚସ୍ପତି
ଅଜିତ ପାୱାର — ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ
ମୋହନ ଯାଦବ — ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ
ଭଜନ ଲାଲ ଶର୍ମା — ରାଜସ୍ଥାନ ମୁଖ୍ୟମନ୍ତ୍ରୀ
ବିଷ୍ଣୁ ଦେଓ ସାଇ — ଛତିଶଗଡ଼ ମୁଖ୍ୟମନ୍ତ୍ରୀ

## ଅନ୍ତର୍ଜାତୀୟ



ଶି ଜିନ୍‌ପିଙ୍ଗ୍ — ଚାଇନା ରାଷ୍ଟ୍ରପତି
ଭ୍ଲାଡିମିର ପୁଟିନ — ରୁଷିଆ ରାଷ୍ଟ୍ରପତି
ଜୋ ବାଇଡେନ — ଆମେରିକା ରାଷ୍ଟ୍ରପତି



ବେଞ୍ଜାମିନ୍ ନେତ୍‌ନ୍ୟାହୁ — ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ
ଇସ୍‌ମାଇଲ ହନିୟେ — ହମାସ୍ ମୁଖ୍ୟ
ଏଲନ୍ ମସ୍କ — 'ଏକ୍ସ' ସିଇଓ
ନର୍ଗିସ ମୋହାମ୍ମଦି — ନୋବେଲ ଶାନ୍ତି ପୁରସ୍କାର ବିଜେତା
ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା — ବ୍ରାଜିଲ ରାଷ୍ଟ୍ରପତି



ମହମ୍ମଦ ବିନ୍ ରସିଦ୍ ଅଲ୍ ମକତୁମ୍ — ୟୁଏଇ ପ୍ରଧାନମନ୍ତ୍ରୀ
ମହମ୍ମଦ ବିନ୍ ସଲ୍‌ମାନ୍ ଅଲ୍ ସୌଦ — ସାଉଦି ଆରବ କ୍ରାଉନ୍ ପ୍ରିନ୍ସ
ଇମାନୁଏଲ ମାକରଁ — ଫ୍ରାନ୍ସ ରାଷ୍ଟ୍ରପତି
କିଙ୍ଗ୍ ଚାର୍ଲସ୍ ୩ୟ — ବ୍ରିଟେନ୍ ରାଜା
ରିଷି ସୁନକ — ବ୍ରିଟେନ୍ ପ୍ରଧାନମନ୍ତ୍ରୀ



ଭୋଲଡିମିର ଜେଲେନ୍‌ସ୍କି — ୟୁକ୍ରେନ୍ ରାଷ୍ଟ୍ରପତି
ପୋପ୍ ଫ୍ରାନ୍ସିସ୍ — କ୍ୟାଥୋଲିକ୍ ଚର୍ଚ୍ଚ ମୁଖ୍ୟ
ସାମ୍ ଅଲ୍ଟମ୍ୟାନ୍ — ଓପନ୍‌ଏଆଇ ସିଇଓ
ନାଥନ୍ ଆଣ୍ଡରସନ୍ — ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପ୍ରତିଷ୍ଠାତା
ସୁଲତାନ୍ ଅହମ୍ମଦ ଅଲ ଜାବେର୍ — କପ୍-୨୮ ଅଧ୍ୟକ୍ଷ



କିମ୍ ଜଙ୍ଗ୍ ଉନ୍ — ଉତ୍ତରକୋରିଆ ଶାସକ
ଅଲି ହୋସେନି ଖାମେନେଇ — ଇରାନର ସର୍ବୋଚ୍ଚ ନେତା
ରେସିପ୍ ତାଇପି ଏର୍ଡୋଗାନ୍ — ତୁର୍କୀ ରାଷ୍ଟ୍ରପତି
ଓଲାଫ୍ ସ୍କୋଲ୍‌ଜ — ଜର୍ମାନୀ ଚାନ୍ସେଲର
ଜିଓର୍ଜିଆ ମେଲୋନି — ଇଟାଲୀ ପ୍ରଧାନମନ୍ତ୍ରୀ



ଆନ୍ଥୋନୀ ଆଲବାନିଜ୍ — ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ
ଜଷ୍ଟିନ୍ ଟ୍ରୁଡୋ — କାନାଡା ପ୍ରଧାନମନ୍ତ୍ରୀ
ବିଲ୍ ଗେଟ୍‌ସ — ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା
ଜେଫ୍ ବେଜୋସ୍ — ଆମାଜନ ପ୍ରତିଷ୍ଠାତା
ମାର୍କ ଜୁକରବର୍ଗ — ଫେସ୍‌ବୁକ୍ ସିଇଓ

## ସଂକ୍ଷେପରେ

### ସର୍ଭେ କାର୍ଯ୍ୟକୁ ନେଇ ୨ ଗ୍ରାମବାସୀ ମୁହାଁମୁହିଁ

ଛତିଆ,୩୦ା୧୨(ସୌମ୍ୟରଞ୍ଜନ ସାହୁ): ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରି ପଞ୍ଚାୟତର ତାରିଣୀ ମନ୍ଦିରଠାରେ ୧୦୦ ଏକର ଜମିକୁ ଇଡ୍‌କୋ ଅଧିଗ୍ରହଣ କରି ଟିଆର୍‌ଏଲ୍ କମ୍ପାନୀକୁ ପ୍ରଦାନ କରିବାକୁ ସ୍ଥିର କରିଛି। ଶନିବାର ଓଏମ୍‌ସି ତରଫରୁ ଜିଓଲଜିକାଲ ସର୍ବେକ୍ଷଣ ସଂସ୍ଥାର କର୍ମଚାରୀ ସ୍ଥାନୀୟ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ନେଇ ସର୍ଭେ କରୁଥିବାସମୟରେ ୨ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଅମିୟଝରୀ ଗ୍ରାମର କେତେଜଣ ଗ୍ରାମବାସୀ ଆସି ଏହି କାର୍ଯ୍ୟକୁ ବିରୋଧ କରିଥିଲେ। ପରେ ବୈରୀ ଗ୍ରାମର କେତେଜଣ ଜନସାଧାରଣ ପହଞ୍ଚି ସର୍ଭେ ସଂସ୍ଥାକୁ ସମର୍ଥନ କରିଥିଲେ। ଫଳରେ ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖା ଦେଇଥିଲା। ଏହାଦେଖି ସର୍ଭେ କରୁଥିବା କର୍ମଚାରୀମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ବଡ଼ଚଣା ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର ଓ ବୈରୀ ଥାନା ଏସ୍‌ଆଇ ଜହର ଆବେଦିନ ପୋଲିସ ଫୋର୍ସ ସହ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ପରେ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ।

### ବ୍ଲକ୍‌ସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ବିଞ୍ଝାରପୁର,୩୦ା୧୨(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ନୂଆ-ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ବିଞ୍ଝାରପୁର ଯଜ୍ଞ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର ସରପଞ୍ଚ ଆଶାଲତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ବାଚସ୍ପତି ପ୍ରମିଳା ମଲ୍ଲିକ, ମୁଖ୍ୟବ୍ୟକ୍ତା ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ସମ୍ମାନିତ ଅତିଥି ଉପାଧ୍ୟକ୍ଷ ସେକ୍ ଏରସାଦ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସୁନୀତା ନାୟକ, ଖଗେଶ୍ୱର ମହାନ୍ତି, ଅହଲ୍ୟା ସ୍ୱାଇଁ, ବି. ଦିବ୍ୟେନ୍ଦୁ ଦାସ, ତହସିଲଦାର କୈଳାସ ଚନ୍ଦ୍ର ମହାଳିକ, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ଦାଶ, ସାମାଜିକ କର୍ମୀ କୈଳାସ ସେଠୀ, ଅଶୋକ ସାହୁ, ମୋଜାହିଦ ଖାଁ, ସମିତିସଭ୍ୟା ସାଇରା ବେଗମ, ନାରାୟଣ ଚନ୍ଦ୍ର ଜେନା ଓ ସୟଦପୁର ସରପଞ୍ଚ ସେକ୍ ସବିର ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ ବହୁ ଯୁବତୀଯୁବକ ଫୁଟବଲ, କବାଡି, ଖୋଖୋ, ଭଲିବଲ ଓ କ୍ରିକେଟ ଆଦି ଖେଳରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବିଭାଗର ବିଜେତା ଦଳକୁ ୨୦ ହଜାର, ପରାଜିତ ଦଳକୁ ୧୫ ହଜାର, ତୃତୀୟ ବିଜେତା ଓ ଚତୁର୍ଥ ବିଜେତା ଦଳକୁ ୧୦ ହଜାର ଲେଖାଏ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା।

# ଯାଦୁ ଖେଳ, ନୃତ୍ୟରେ ମନ୍ତ୍ରମୁଗ୍ଧ ଦର୍ଶକ

## ୧୬ତମ କୁଆଖିଆ ମହୋତ୍ସବର ନବମ ସନ୍ଧ୍ୟା

ରସୁଲପୁର,୩୦ା୧୨(ରଞ୍ଜିତ ରାଉତ): ଲକ୍ଷ୍ମୀନାରାୟଣ ଉତ୍ସବର ୧୫ତମ ଦିବସ ଓ ୧୬ତମ କୁଆଖିଆ ମହୋତ୍ସବର ଶନିବାର ନବମ ସନ୍ଧ୍ୟା ମଞ୍ଚରେ ମ୍ୟାଜିକ୍‌ସିଆନଙ୍କ ଯାଦୁ ଖେଳ ସାଙ୍ଗକୁ ଡି ଗୋଲ୍ଡେନ ଡ୍ୟାନ୍ସ ଗ୍ରୁପର ନାଚ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଛି। ମଞ୍ଚରେ ସାହିତ୍ୟ ଚର୍ଚ୍ଚା, କବିତା ଆସର, ମ୍ୟାଜିକ୍‌ସିଆନ ବିଜୟ ମହାନ୍ତି ଓ ସହଯୋଗୀଙ୍କ ଯାଦୁ ଖେଳ ଏବଂ ମାଷ୍ଟର ରାଜାଙ୍କ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଛି। ଅପରାହ୍ନରେ ସାହିତ୍ୟ ଚର୍ଚ୍ଚାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଯୁଗଜ୍ୟୋତି କବିତା ଅନୁଷ୍ଠାନ ପକ୍ଷରୁ କବିତା ଆସର ପ୍ରତିଯୋଗିତା କରାଯାଇଥିଲା। ଅନୁଷ୍ଠାନ ସଭାପତି ବୈଦ୍ୟନାଥ ସାହୁଙ୍କ ପୋରୋହିତ୍ୟରେ ପ୍ରତିଯୋଗିତାରେ ଜିଲାର ବିଭିନ୍ନ ଅଞ୍ଚଳରୁ ପଲ୍ଲୀକବିମାନେ ଅଂଶଗ୍ରହଣ କରି କବିତା ଚର୍ଚ୍ଚା କରିଥିଲେ। କାର୍ଯ୍ୟକ୍ରମକୁ ମହୋତ୍ସବ କମିଟି ସଭାପତି ରାଜେଶ ସାହୁ, ସମ୍ପାଦକ ଅରୁଣ ରାଉତ, ମହାସଚିବ ଅରୁଣ ସାହୁ, ସାଂସ୍କୃତିକ ସମ୍ପାଦକ ଉମେଶ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

ସନ୍ଧ୍ୟା ୬ଟାରେ ଯାଦୁଗରମାନଙ୍କ ଯାଦୁଖେଳ ଓ ହାତସଫେଇର ବାହାଦୂରୀ ଛୋଟ ପିଲାଙ୍କ ମନ ଜିଣିଥିଲା। ଏହି ଖେଳ ସରିବାର ସ୍ୱଳ୍ପ ସମୟ ବ୍ୟବଧାନରେ ଯାଜପୁର ଜିଲାର ଅଗ୍ରଣୀ ଡ୍ୟାନ୍ସ ଅନୁଷ୍ଠାନ ଗୋଲ୍ଡେନ ଗ୍ରୁପ୍‌ର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ପୌରାଣିକ, ରାମାୟଣ, ମହାଭାରତ ଭଳି ପୁରାଣ ଉପରେ ଆଧାରିତ ବିଭିନ୍ନ ରସ, ଛାନ୍ଦ ଉପରେ କଳାକାରମାନେ ଉଚ୍ଚକୋଟୀର ନୃତ୍ୟ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରର ତାଳେତାଳେ ନୃତ୍ୟ ପରିବେଶଣ ଖୋଲା ମଞ୍ଚରେ ନୁହେଁ ବରଂ କୌଣସି ଏକ ବଡ ପରଦାରେ ପରିବେଷଣ ହେଉଥିବା ଭଳି ମନେ ହେଉଥିଲା। ସେହିପରି ମଞ୍ଚରେ ରାଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ମହୋତ୍ସବ ପଡ଼ିଆରେ ନାନା ପ୍ରକାର ଦୋଳି, ମନହୋରୀ ଦୋକାନ, ଖାଦ୍ୟପାନୀୟର ମଜା ନେବାକୁ ଦର୍ଶକଙ୍କ ଭିଡ଼ ବଢୁଛି। ଦର୍ଶକ ସପରିବାରରେ ଆସି ମନୋରଞ୍ଜନ କାର୍ଯ୍ୟେକ୍ରମର ମଜା ନେବା ସହ ଘରକୁ ମନପସନ୍ଦର ସାମଗ୍ରୀ ନେଉଥିବା ଦେଖିବାକୁ ମିଳିଛି।



ମହୋତ୍ସବ ମଞ୍ଚରେ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।


ମଞ୍ଚରେ ଜଣେ ଯାଦୁକର ଖେଳ ପ୍ରଦର୍ଶନ କରୁଛନ୍ତି।

# ହାଇଟେକ୍ ବିଜ୍ଞାନ କଲେଜ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ରସୁଲପୁର,୩୦ା୧୨(ରଞ୍ଜିତ ରାଉତ): ରସୁଲପୁର ବ୍ଲକ କୁଆଖିଆ ବଜାରସ୍ଥିତ ହାଇଟେକ୍ ବିଜ୍ଞାନ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପୁରସ୍କାର ବିତରଣ ଉତ୍ସବରେ କଲେଜ ଅଧ୍ୟକ୍ଷ ସନ୍ଦୀପ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ହାଇଟେକ୍ ଗ୍ରୁପର ଡିନ୍ ଡ. ଅଲେଖ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଡ. କପିଳ ଚରଣ ମହାନ୍ତି, ଅଧ୍ୟାପିକା କ୍ରିଷ୍ଣା ଦାସ, ଅଞ୍ଜୁସ୍ମିତା ବିଶ୍ୱାଳ, ଗୌତମୀ ମିଶ୍ର, ଶୁଭଶ୍ରୀ ଦାସ, ସ୍ମରଣିକା ସାହୁ, ବାଳକୃଷ୍ଣ ସାହୁ, ରଜତ ମହାଲିକ, ବିଶ୍ୱଜିତ ସେଠୀ, ପ୍ରଶାନ୍ତ ଖଟୁଆ, ମନୋଜ ବାରିକ୍ ଓ ଶଙ୍କର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।

ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ସ୍ୱର୍ଣ୍ଣପ୍ରଭା ବେହେରା, ଅଙ୍କିତାମୟୀ ଓଝା, ଶକ୍ତିପ୍ରଦା ରାୟ, ପୂର୍ଣ୍ଣିମା ସାହୁ, ସ୍ୱର୍ଣ୍ଣପ୍ରଭା ସାହୁ, ମାନସୀ ସାହୁ, ସନ୍ତୋଷୀଦତ୍ତ ପ୍ରିୟଦର୍ଶିନୀ, ସୁଜ୍ଞାନି ପାତ୍ର, ବିଷ୍ଣୁପ୍ରିୟା ପୃଷ୍ଟି, ରାଧାରାଣୀ ସାହୁ, ଚିନ୍ମୟୀ ଜେନା, ବୈଶାଖୀ ପ୍ରିୟଦର୍ଶିନୀ ସିଂହ, ସୁନିତା ନାୟକ, ସୁବାସ ଚନ୍ଦ୍ର ବେହେରା, ବିନୟ ଜେନା, ନିରୁପମା ମହାପାତ୍ର, ଶାନ୍ତିଲତା ପ୍ରହରାଜ, ଅଂଜନା ଦାସ, ବାସନ୍ତୀ ବିନ୍ଧାଣି ପ୍ରମୁଖ କ୍ରୀଡ଼ା ପରିଚାଳନା କରିବା ସହ ପୁରସ୍କାର ବିତରଣ ଉତ୍ସବରେ ସହାୟତା ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ସୁଶାନ୍ତ ଦ୍ୱିବେଦୀ ଖେଳ ପରିଚାଳନା କରିଥିବା ବେଳେ ଯୁକ୍ତ ୨ ବାଳିକା ବିଭାଗର ତନୁଶ୍ରୀ ମହାନ୍ତ, ବାଳକ ବିଭାଗର ସଂଗ୍ରାମ ପତି, ଯୁକ୍ତ ୩ ବାଳିକା ବିଭାଗର ଶୁଭଲକ୍ଷ୍ମୀ ପତି ଓ ବାଳକ ବିଭାଗରେ ରୁଦ୍ରନାରାୟଣ ପତି ପ୍ରମୁଖ କ୍ରୀଡ଼ାରେ ବିଭିନ୍ନ ବିଭାଗରେ ଉନ୍ନତ ଖେଳ ପ୍ରଦର୍ଶନକରି ଚାମ୍ପିୟନ ଭାବେ ପୁରସ୍କୃତ ହୋଇଥିଲେ। କଲେଜର ପ୍ରଶାସନିକ ଅଧିକାରୀ ପ୍ରମୋଦ ଦଳାଇ ଧନ୍ୟବାଦ ଦେଇଥିଲେ।


ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନେ।

# ରାଜ୍ୟସ୍ତରୀୟ କୋତପୁର ପ୍ରିମିୟର ଲିଗ୍: ଇନ୍ଦୁପୁର ଚାମ୍ପିୟନ

ଧର୍ମଶାଳା,୩୦ା୧୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ୍ ଅଧୀନ କୋତପୁର ପଞ୍ଚାୟତ ଯୁବକ ସଂଘ ପକ୍ଷରୁ ଜାଗୁଳାଇ ଖେଳପଡ଼ିଆରେ ଚାଲିଥିବା କୋତପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ନିମପୁର ସ୍ପୋର୍ଟ୍ସ କ୍ଲବ ଜଗତପୁରକୁ ୭ ଉଇକେଟରେ ପରାସ୍ତ କରି ଗୋପବନ୍ଧୁ କ୍ରିକେଟ କ୍ଲବ ଇନ୍ଦୁପୁର ଚାମ୍ପିୟନ ହୋଇଛି। ନିମପୁର କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ୨୧ ଓଭରରେ ସମସ୍ତ ଉଇକେଟ ହରାଇ ୯୫ ରନ କରିଥିଲା। ଦଳ ପକ୍ଷରୁ ବାଦଲ ମଲିକ ୨୪ ରନ କରିଥିଲେ। ବିପକ୍ଷ ଇନ୍ଦୁପୁର ଟିମ୍‌ର ରାଜେଶ ପାତ୍ର ୪ ଉଇକେଟ ଓ ରିତିକ ଚୌଧୁରୀ ୨ ଉଇକେଟ ନେଇଥିଲେ। ଜବାବରେ ଇନ୍ଦୁପୁରା ଟିମ୍ ବ୍ୟାଟିଂ କରି ୮.୨ ଓଭରରେ ୩ ଉଇକେଟ ହରାଇ ୯୮ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରୋହିତ ଚୌହାନ ୫୧ ରନ କରିଥିଲେ। ବିପକ୍ଷ ଦଳର ଆକାଶ ପ୍ରଧାନ ୨ ଉଇକେଟ ଅକ୍ତିଆର କରିଥିଲେ। ଖେଳକୁ ପ୍ରଭାତ ଜେନା ଓ ବଳୟ ଜେନା ପରିଚାଳନା କରିଥିଲେ। ଇଂ. ନରେନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଅତିଥିଭାବେ ପୂର୍ବତନ ସରପଞ୍ଚ ସନ୍ତୋଷ ଜେନା ଓ କୋତପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ଯୋଗଦେଇ ରନର୍ସଅପ ଓ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ବିଜୟୀ ଟିମ୍‌ର ରାଜେଶ ପଣ୍ଡା ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ଗୌରବ ଚୌଧୁରୀଙ୍କୁ ମ୍ୟାନ୍ ଅଫ ଦି ସିରିଜ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା।



ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

## ଅଶୋକ ଦାସ ମେମୋରିଆଲ କ୍ରିକେଟ

# ୟୁନିକ୍ ଇଲେଭେନ ଭଦ୍ରକ ବିଜୟୀ

ଯାଜପୁର ଟାଉନ,୩୦ା୧୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ଜିଲା କ୍ରିକେଟ୍ ଆସୋସିଏଶନ ଓ ମେଲବର୍ନ କ୍ରିକେଟ କ୍ଲବ୍ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ବ୍ଲକ୍ ଅଧୀନ ନାଥସାହି ପଞ୍ଚାୟତର ନୂଆପଡ଼ା ଖେଳପଡ଼ିଆଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ୟୁନିକ୍ ଇଲେଭେନ ଭଦ୍ରକ ବିଜୟୀ ହୋଇଛି।

ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍ ଇଲେଭେନ ଷ୍ଟାର ଯାଜପୁର ଓ ୟୁନିକ୍ ଇଲେଭେନ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟୁନିକ୍ ଇଲେଭେନ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଇଲେଭେନ ଷ୍ଟାର ବ୍ୟାଟିଂ କରି ନିର୍ଦ୍ଧାରିତ ୧୯.୧ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୮୩ରନ୍ ସଂଗ୍ରହ କରିଥିଲା। ଜବାବରେ ୟୁନିକ୍ ଇଲେଭେନ ୨୧.୧ଓଭର ଖେଳି ୬ ଉଇକେଟ୍ ହରାଇ ୮୭ ରନ୍ ସଂଗ୍ରହ କରି ଇଲେଭେନ ଷ୍ଟାରକୁ ପରାସ୍ତ କରିଥିଲା। ମ୍ୟାନ୍‌ଅଫ୍ ଦି ମ୍ୟାଚ୍ ଭାବେ ସାହିଲ୍ ଖାଁଙ୍କୁ ସାମାଜିକ କର୍ମୀ ସୁକାନ୍ତ ବେହେରା ପୁରସ୍କୃତ କରିଥିଲେ। ମ୍ୟାଚ୍‌କୁ ବରିଷ୍ଠ ବିଜେଡି ନେତା ତୁଷାରକାନ୍ତ ପରିଡ଼ା, ଜିଲା କ୍ରିକେଟ୍ ଆସୋସିଏଶନ ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ଯାଜପୁର ପୌରାଞ୍ଚଳ ବିଜେଡି ନଗର ସଭାପତି ମନୋଜ ସାହୁ, ସ୍ୱସ୍ତିକ ପହି, ସଚ୍ଚିଦାନନ୍ଦ ବେହୁରିଆ, କାଉନସିଲର ସୁବାଶିଷ ରାଉତ, ମନୋଜ ସାହୁ, ସୁଶାନ୍ତ ସିଂ, ଲୋକନାଥ ବେହେରା ଓ ଦିବାକର କର ପ୍ରମୁଖ ଉପସ୍ଥିତ ଥିଲେ। ଶରତ ଜେନା ଓ ଖଗେଶ୍ୱର ମଲ୍ଲିକ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ସ୍କୋରର ଭାବେ ସୁମିତ୍ରା ସାହୁ ଓ ଶୁଭ୍ରାଂଶୁ ଶେଖର ବେହୁରିଆ ଖେଳ ପରିଚାଳନା କରିଥିଲେ।

# ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା କର୍ମଶାଳା

କୋରେଇ,୩୦ା୧୨(ଚନ୍ଦ୍ରକାନ୍ତ ପତି): କୋରେଇ ଭାଜପା ନେତା ବିଶ୍ୱଜିତ ନାୟକଙ୍କ ଜହ୍ନାସ୍ଥିତ କାର୍ଯ୍ୟାଳୟଠାରେ ଭାଜପା ଜିଲା ସଭାପତି ଗୌତମ ରାୟଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଯୋଜନାର ରାଜ୍ୟ ସଂଯୋଜକ ସମୀର ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିସହ ଉକ୍ତ ଯୋଜନାର କାର୍ଯ୍ୟାନ୍ୱୟନରେ ମନୋନୀତ ସମସ୍ତ ଜିଲା ସଂଯୋଜକ, ସହ ସଂଯୋଜକ, ନିର୍ବାଚନମଣ୍ଡଳୀ, ଜୋନସ୍ତରୀୟ ସଂଯୋଜକ, ସହସଂଯୋଜକ, ମଣ୍ଡଳ ସଭାପତି, ପ୍ରଭାରୀମାନଙ୍କୁ ଏହି ଯୋଜନାରେ କିଭଳି ଅଧିକରୁ ଅଧିକ ସାଧାରଣ ଓ ନିରୂପିତ ବର୍ଗର କୌଳିକ ବୃତ୍ତିଧାରୀଙ୍କୁ ସାମିଲ କରାଯାଇ ସେମାନଙ୍କ ଆତ୍ମନିର୍ଭରଶୀଳତା ବୃଦ୍ଧିରେ ସହାୟକ ହୋଇପାରିବ ତାହା ଉପରେ ବିଷଦ ଆଲୋଚନା କରିଥିଲେ।

ଅନ୍ୟତମ ଅତିଥିଭାବେ ରାଜ୍ୟ ପଛୁଆ ବର୍ଗର ସଭାପତି ସୁରଥ ବିଶ୍ୱାଳ, ଜିଲା ସଂଯୋଜକ ଚିତ୍ତରଞ୍ଜନ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଡ. ରବିନାରାୟଣ ବେହେରା, ସାଧାରଣ ସମ୍ପାଦକ ସୁଦୀପ୍ତ ପଣ୍ଡା ଯୋଜନାର ସମସ୍ତ ଦିଗ ଉପରେ ଆଲୋକପାତ କରିଥିଲେ। ବିବେକାନନ୍ଦ ଜେନା, ବିଭୁ ପ୍ରସାଦ ଗନ୍ତାୟତ, ବବିତା ମଲ୍ଲିକ, ସ୍ମୃତିରେଖା ପହି, ପୂର୍ବତନ ଜିଲା ସଭାପତି ଆଶୁତୋଷ ପରିଡ଼ା, ଲୋକସଭା ବିସ୍ତାରକ ରାଧାମୋହନ ପରିଡ଼ା, ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ବିକ୍ରମ ବିଶ୍ୱାଳ ଓ ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ରାଜ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମଶାଳାରେ ଯୋଗଦେଇଥିବା ଭାଜପା ନେତାମାନେ।

# ବୁଦ୍ଧଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମ

ଚଣ୍ଡିଖୋଲ,୩୦ା୧୨(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରି ବୁଦ୍ଧଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓ, ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସରୋଜ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ର ଉନ୍ନତ ଶିକ୍ଷା ଲାଭ କରିବା ସହ କ୍ରୀଡ଼ା ଓ ଅନ୍ୟ ପ୍ରତିଯୋଗିତାରେ ଭାଗନେଇ ନିଜର ପ୍ରତିଭା ଦେଖାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର କୁମାର ନାୟକ, ଆମ୍ବା ଅଧ୍ୟକ୍ଷ ବିପିନ ବିହାରୀ ଜେନା, ପଞ୍ଚାନନ ଧଳ, ଗଗନ ବିହାରୀ ସ୍ୱାଇଁ, ନିରଞ୍ଜନ ସେନାପତି, ମଞ୍ଜୁଶ୍ରୀ ଦେଓ, ଅନିରୁଦ୍ଧ ପାଢ଼ୀ, ଫନୀନ୍ଦ୍ର ପଣ୍ଡା, ଅନିଲ କୁମାର ପରିଡା ଓ ତୁଷାର ଜେନା ପ୍ରମୁଖ ଯୋଗଦେଇଥିଲେ। ତାପସ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଦୁଃଶାସନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପକ ଆଦିତ୍ୟ କୁମାର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଅଧ୍ୟାପକ ଅଟଳ ବିହାରୀ ଜେନା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ବ୍ରହ୍ମବରଦା,୩୦ା୧୨(ଯଯାତି କେଶରୀ ବେହେରା): ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରେ ୧୧ ଦିନ ଧରି ଚାଲିଥିବା ଯୁବ ଓଡ଼ିଶା ନବୀନ, ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ସମ୍ମାନିତ ଅତିଥି ମହାବିଦ୍ୟାଳୟ ସଭାପତି ଶିକ୍ଷାବିତ ବିରଞ୍ଚି ନାରାୟଣ ଦାଶ, ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ, ବିପିନ ବିହାରୀ ଦେଓ, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଦର୍ଶନ ପୃଷ୍ଟି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାଧବୀଲତା ରାଉତ, ଅଧ୍ୟାପକ ଅମୂଲ୍ୟ ପତି, ସୌଭାଗ୍ୟ ସାହୁ, ରଶ୍ମିକାନ୍ତ ଦାଶ, ବାବୁଲି ରଣା ଓ ଶିବପ୍ରସାଦ ସାହୁ ଯୋଗ ଦେଇଥିଲେ।

ମହାବିଦ୍ୟାଳୟରେ କ୍ରୀଡ଼ା, ନୃତ୍ୟ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ସହ ନୃତ୍ୟ ପରିବେଷଣ କରାଯାଇଥିଲା। ଅଧ୍ୟକ୍ଷ ପାଢ଼ୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ସଞ୍ଜୟ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୁଲ୍ ଅମିନ, ସାମାଜିକ କାର୍ଯ୍ୟନିର୍ବାହୀ ଅଧିକାରୀ ବାବୁଲି ରଣା, ଖେଳ କାର୍ଯ୍ୟନିର୍ବାହୀ ଅଧିକାରୀ ଶିବପ୍ରସାଦ ସାହୁ ଏବଂ ଖେଳ ଅଧ୍ୟାପକ ବିବେକାନନ୍ଦ ଜେନା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଫିସ ସହାୟକ ଧର୍ମେନ୍ଦ୍ର ମହାନ୍ତି, ବିନୟ ରାଉତ, ସୁନୀଲ ଓଝା, ଅକ୍ତର ଖାନ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ଠିକା ଶ୍ରମିକଙ୍କ ମୃତ୍ୟୁ

କଳିଙ୍ଗନଗର,୩୦ା୧୨(ଶୁଭାଶିଷ ରାଉତ): ଟାଟା କାରଖାନା ଲେବର କଲୋନୀ ଫେଜ ୨ରେ ଜଣେ ଠିକା ଶ୍ରମିକଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ହୋଇଛି। ସେ ହେଲେ ଝାଡଖଣ୍ଡ ବାଲିହାସକନ ଅଞ୍ଚଳର ବିଦେଇ ପିଙ୍ଗୁଆଙ୍କ ପୁଅ ଗମ୍ଭିରା ପିଙ୍ଗୁଆ(୨୫)। ଖବର ପାଇ କଳିଙ୍ଗନଗର ପୋଲିସ ପହଞ୍ଚି ମୃତଦେହ ଜବତ କରି ଦାନଗଦି ଡାକ୍ତର ଖାନାରେ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ଗାଁକୁ ପଠାଇ ଦେଇଛି। ଗମ୍ଭିରା ଟିପିଏଲ କମ୍ପାନୀ ଅଧୀନରେ ଠିକା ଶ୍ରମିକ ଭକପାବେ କାମ କରୁଥିଲେ। ରାତିରେ ଭୋଜନ କରିବା ପରେ ସୋଇଥିଲା। ସକାଳୁ ନ ଉଠିବାରୁ ପାଖରେ ରହୁଥିବା ଅନ୍ୟ ଶ୍ରମିକମାନେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ଏନେଇ ଥାନାରେ ନଂ.୩୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ମୃତଶରୀର ତାଙ୍କ ଗ୍ରାମରେ ପହଁଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଛି। ମୃତଦେହ ନେଇ ଯାଇଥିବା ଆମ୍ବୁଲାନ୍ସକୁ ଗ୍ରାମବାସୀ ଅଟକ ରଖିଥିବା ଶୁଣିବାକୁ ମିଳିଛି।

# କେନାଲବନ୍ଧ ରାସ୍ତା କଂକ୍ରିଟ୍ ପାଇଁ ଦାବି

ଝୁମ୍ପୁରୀ,୩୦ା୧୨(ସରୋଜ ନାୟକ): ସରକାର ଗମନାଗମନର ସୁବିଧା ପାଇଁ ପ୍ରତି ଗ୍ରାମ୍ୟ ରାସ୍ତାକୁ କଂକ୍ରିଟ୍‌ରେ ପରିଣତ କରୁଛନ୍ତି। କିନ୍ତୁ ଏମିତି କିଛି ରାସ୍ତା ଅଛି ଯାହାକି ଏବେବି ମାଟି ରାସ୍ତା ହୋଇ ରହିଛି। ତାହା ସରକାରଙ୍କ ନଜରକୁ ଆସୁନାହିଁ। ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକେମାନେ ବହୁ ହୀନସ୍ତାରେ ଯା'ଆସ କରୁଛନ୍ତି। ଏପରି ରାସ୍ତା ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ୍‌ର କଟିକଟାଠାରୁ ପାଟପୁର ପର୍ଯ୍ୟନ୍ତ ଯାଇଥିବା କେନାଲ ବନ୍ଧ ରାସ୍ତା। ରାସ୍ତା ଉପରେ ପ୍ରାୟ ୬ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଜନସାଧାରଣ ଗମନାଗମନ କରିଥାନ୍ତି। କିନ୍ତୁ ଦୁଃଖର କଥା ଏହି ରାସ୍ତାଟି ଏବେବି ମାଟି ରାସ୍ତା ହୋଇ ରହିଛି। କିଛି ଜାଗାରେ ମୋରମ ପଡ଼ିଛି। ବର୍ଷାଦିନେ ଲୋକେ କାଦୁଅ ପଚପଚ ଅବସ୍ଥାରେ ଯାଇଥାନ୍ତି। ରାସ୍ତାକୁ ପକ୍କା ରାସ୍ତାରେ ପରିଣତ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ଅଭିଯୋଗ ହୋଇଛି। ତେଣୁ ତୁରନ୍ତ ଏହି ରାସ୍ତାକୁ ପକ୍କାରେ ପରିଣତ କରିବାକୁ ସାମାଜିକ କର୍ମୀ ମନୀଷ ସାହୁ, ରାଜେନ୍ଦ୍ର ବାରିକ, ବିଷ୍ଣୁଚରଣ ବେହେରା, ଜ୍ୟୋତିପ୍ରକାଶ ଦେବତା, ଦିଲୀପ ନାୟକ, ଅମୂଲ୍ୟ ବାରିକ, ବଂଶୀଧର ନାୟକ, ଶଶୀକାନ୍ତ ସାହୁ, ଅମୂଲ୍ୟ ସାହୁ, ଅକ୍ଷୟ ବାରିକ, ଉପେନ୍ଦ୍ର ବେହେରା ଓ ରାଧୁ ଚରଣ ଜେନା ପ୍ରମୁଖ ଦାବି କରିଛନ୍ତି।


ଦଶରଥପୁର ବ୍ଲକ୍‌ର କଟିକଟାଠାରୁ ପାଟପୁର ଯାଇଥିବା କେନାଲବନ୍ଧ ରାସ୍ତା।

**ମରଣାତ୍ମକ ଆକ୍ରମଣରେ ବ୍ୟବସାୟୀ ଗୁରୁତର**

କେନ୍ଦ୍ରାପଡ଼ା, (ଜଗନ୍ନାଥ ଧଳ): କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ସହରର ବଡହାଟସ୍ଥିତ ଶାଢ଼ି ସଂସାର ଦୋକାନ ମାଲିକଙ୍କୁ ମରଣାତ୍ମକ ଆକ୍ରମଣ କରାଯାଇଛି । ଶନିବାର ରାତ୍ର ପ୍ରାୟ ୧୦ଟା ବେଳେ ଏହି ଆକ୍ରମଣ ହୋଇଛି । ମାଲିକ ଖାଦିମ ବକ୍ସ ଗୁରୁତର ହୋଇଛନ୍ତି । ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ୮ ଜଣ ଯୁବକ ମୁହଁରେ କଳାପଟି ବାନ୍ଧି ଶାଢ଼ି ସେଣ୍ଟରକୁ ପଶିଥିଲେ । ଏହାପରେ ସେମାନେ ଅତର୍କିତ ଭାବେ ମାଲିକ ଖାଦିମ ବକ୍ସଙ୍କୁ ମାରପିଟ୍ କରିଥିଲେ । ଲୋକେ ଜମା ହୋଇଯିବାରୁ ସମ୍ପୃକ୍ତ ଯୁବକମାନେ ସେଠାରୁ ଫେରାର ହୋଇଯାଇଥିଲେ । ପୋଲିସ ତଦନ୍ତ ଆରମ୍ଭ କରିଛି।

# ଯୁବ ଓଡ଼ିଶା କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ସଂକ୍ଷେପରେ**

## ଭୋଜି ଖାଇବାବେଳେ ଗଣ୍ଡଗୋଳ

ରାଜନଗର,୩୦।୧୨(ଭାସ୍କର ରାଉତରାୟ)

ଭିତରକନିକାକୁ ବୁଲି ଆସିଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଶନିବାର ଗଣ୍ଡଗୋଳ ହୋଇଛି। ଏହି ଘଟଣାରେ ୩ଜଣ ଆହତ ହୋଇଥିବା ବେଳେ କୌଣସି ଲିଖିତ ଅଭିଯୋଗ ଥାନାରେ ହୋଇନାହିଁ। ଶନିବାର ଭିତରକନିକା ଜାତୀୟ ଉଦ୍ୟାନ ବୁଲିବାକୁ ରାଜକନିକା ଓ ଜଗସିଂହପୁରର ୨ଟି ଗ୍ରୁପ ଆସିଥିଲେ। ଦୁଇଟି ଗ୍ରୁପର ୬୦ଜଣ ପର୍ଯ୍ୟଟକ ଖୋଲା ନିକଟରେ ଏକ ଘରୋଇ ଜାଗାକୁ ଭଡା ନେଇ ରୋଷେଇ କରିଥିଲେ। ଗୋଟିଏ ଗ୍ରୁପ ବସି ଖାଇଥିବା ବେଳେ ଅନ୍ୟ ଏକ ଗ୍ରୁପ ଛିଡା ହୋଇ ଖାଇଥିଲେ। ଅଳ୍ପ ଜାଗା ହେତୁ ଛିଡା ହୋଇ ଖାଉଥିବା ଗ୍ରୁପର ଲୋକେ ବସି ଖାଉଥିବା ଲୋକଙ୍କ ଖାଦ୍ୟ ଉପରେ ଚଢି ଯାଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ପରେ ଗଣ୍ଡଗୋଳ ହୋଇଥିଲା। ସ୍ଥିତି ଏପରି ହୋଇଥିଲା ବୋତଲ ଭାଙ୍ଗି ବାଡିଆପିଟା ହୋଇଥିଲେ। ଏଥିରେ ଦୁଇ ପର୍ଯ୍ୟଟକଙ୍କ ସହ ସ୍ଥାନୀୟ ଏକ ହୋଟେଲର ଯୁବକ ପ୍ରକାଶ ବେହେରା (୨୭) ଆହତ ହୋଇଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି।

ରାଜକନିକା,୩୦।୧୨(ସଞ୍ଜୟ କୁମାର ଦାଶ)



ଚାମ୍ପିୟନ ହୋଇଥିବା ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ପ୍ରସାଶନ ପକ୍ଷରୁ ବ୍ଲକସ୍ତରୀୟ ନୂଆ-ଓ ଯୁବ ଓଡ଼ଶା ନବୀନ ଓଡ଼ିଶା କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ବିଡିଓ ପୃଥୀରାଜ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶକ୍ତି, ଶିଳ୍ପ, କ୍ଷୁଦ୍ର ଓ ଲଘୁଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଗତ ୧୫ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ମାଧମରେ ବିଭିନ୍ନ ଅନୁଷ୍ଠାନ, ସ୍କୁଲ ଓ କଲେଜରେ ଅନୁଷ୍ଠିତ ହେଉଥିବା ଉକ୍ତ କାର୍ଯ୍ୟକ୍ରମ ଆଗାମୀ ଯୁବପୀଢ଼ିଙ୍କୁ ଆଗକୁ ନେବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଏହା ଏକ ଅଭିନବ ପ୍ରୟାସ ବୋଲି କହିଥିଲେ । ନୂଆ-ଓ ଦ୍ୱାରା ମୁଖ୍ୟମନ୍ତ୍ରୀ ବିଭିନ୍ନ ଖେଳ ପାଇଁ ଚଳିତ ଆର୍ଥିକ ବର୍ଷରେ ୧ହଜାର କୋଟି ଟଙ୍କାର ବ୍ୟୟ ଅଟକଳ ରଖିଛନ୍ତି । ଯଦ୍ୱାରା ଗ୍ରାମାଞ୍ଚଳର ଯୁବତୀ ଯୁବକମାନେ ଖେଳକୁ ବୃତ୍ତି କରି ସ୍ୱାବଲମ୍ବୀ ହେବା ସହ ବିଶ୍ୱସ୍ତରରେ ନିଜକୁ ପ୍ରତିପାଦିତ କରିପାରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ଏହାବାଦ୍ ଓଡ଼ିଶା ବିଶ୍ୱସ୍ତରରେ ପହଞ୍ଚିବା ଲକ୍ଷ୍ୟରେ ଭିତ୍ତିଭୂମି ସ୍ଥାପନା କରାଯାଇଛି ବୋଲି ମନ୍ତ୍ରୀ ବିସ୍ତୃତ ଭାବେ ସୂଚନା ଦେଇଥିଲେ ।

ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ରାଉତ, ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ଏମ୍‌ପିଙ୍କ ପ୍ରତିନିଧି ପବିତ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ଖେଳ ମଧ୍ୟରୁ କବାଡି ପ୍ରତିଯୋଗିତାରେ ବ୍ଲକର ଏସ.ଏନ.କଲେଜ ଓରିଅର୍ସ ଚାମ୍ପିୟନ ହୋଇଥିବା ବେଳେ, ସିକୋ ପଞ୍ଚାୟତ କବାଡ଼ି ଟିମ୍ ପ୍ରଥମ ରନର୍ସଅପ, ବରାଡିଆ ନୋଡ଼ାଲ ହାଇସ୍କୁଲ ଦ୍ୱିତୀୟ ରନର୍ସଅପ୍ ଓ କାଟଣା କପିଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟ ରନର୍ସଅପ୍ ଭାବେ ବିବେଚିତ ହୋଇଛନ୍ତି। ସେହିପରି ଭଲିବଲ ପ୍ରତିଯୋଗିତାରେ ଦେମାଳ ଆଳି ଭଲିବଲ ଟିମ ଚାମ୍ପିୟନ ହୋଇଥିବା ବେଳେ, କଳଦିଆ ଆଳି ବିଜିଏମ୍‌ଭିସି ପ୍ରଥମ ରନର୍ସଅପ, ରାଜକନିକା ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଦ୍ୱିତୀୟ ରନର୍ସଅପ୍ ଓ ଏସ.ଏନ.କଲେଜ ତୃତୀୟ ରନର୍ସଅପ୍ ହୋଇଛନ୍ତି। ଫୁଟବଲ ପ୍ରତିଯୋଗିତାରେ ଗଞ୍ଜା ନୃସିଂହନାଥ ଫୁଟବଲ ଟିମ ପ୍ରଥମ ରନର୍ସଅପ୍ ଓ ତରାସ ନେତାଜୀ ଫୁଟବଲ ଟିମ୍ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି । କ୍ରିକେଟ ପ୍ରତିଯୋଗିତାରେ କଣ୍ଟପଡ଼ା ରାଇଜିଂଷ୍ଟାର କ୍ରିକେଟ୍ ଟିମ୍ ଚାମ୍ପିୟନ ହୋଇଥିବା ବେଳେ, ଏଲବିସିସି ବରୁଣାଡିହା ପ୍ରଥମ ରନର୍ସଅପ୍, ବଳରାମପୁର ୱାରିଅର୍ସ କ୍ରିକେଟ ଟିମ୍ ଦ୍ୱିତୀୟ ରନର୍ସଅପ୍ ଓ ଆଖୁଳିପଡା ଗ୍ରାମ ପଞ୍ଚାୟତ କ୍ରିକେଟ ଟିମ୍ ତୃତୀୟ ରନର୍ସଅପ୍ ହୋଇଛନ୍ତି । ସମସ୍ତ ଚାମ୍ପିୟନ ଓ ରନର୍ସଅପ ଟିମ୍‌କୁ ଅତିଥିମାନେ ଟ୍ରଫି ଓ ନଗଦ ଅର୍ଥ ପୁରସ୍କାର ବାବଦରେ ପ୍ରଦାନ କରିଥିଲେ । ବ୍ଲକ ସୋସିଆଲ ଅଡିଟର ସୁବ୍ରତ କୁମାର ସାମଲ ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥିତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପରାଗ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ପ୍ରସ୍ତୁତି

ଆଳି,୩୦।୧୨(ବନମାଳୀ ସେନାପତି)

ଆଳିର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ ପରାଗ ସାହିତ୍ୟ ସଂସଦ ପକ୍ଷରୁ ଆଗାମୀ ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମେଣ୍ଢପୁର ଗ୍ରାମପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଶନିବାର ପୂର୍ବାହ୍ନରେ ଆୟୋଜିତ ଏହି ବୈଠକରେ ସଂସଦର ସଭାପତି ରମେଶ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଫେବୃୟାରୀ ମାସ ଦ୍ୱିତୀୟ ରବିବାର ଦିନ ଏହି ଉତ୍ସବ ଅନୁଷ୍ଠିତ ହେବ ବୋଲି ଆପାତତଃ ସ୍ଥିର ହୋଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ୧୦ ଜଣ ଲବ୍ଧ ପ୍ରତିଷ୍ଠ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଆଲୋଚନା ହୋଇଥିଲା। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ରାଜ୍ୟସ୍ତରୀୟ ଏକ କବିତା ପାଠୋତ୍ସବ କରାଯିବା ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ରାଜ୍ୟର ପ୍ରତ୍ୟେକ ଜିଲାରୁ କବି ଓ କବୟିତ୍ରୀ ମାନଙ୍କୁ ଅତିଥି କବି ଭାବେ ଆସିବାକୁ ଅନୁରୋଧ କରାଯିବ । ଏଥିପାଇଁ ସମସ୍ତଙ୍କୁ ପତ୍ର ଲେଖାଯିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ବନମାଳୀ ସେନାପତି, ଉପ ସଭାପତି ଅଶୋକ କୁମାର ବିଶ୍ୱାଳ, ସନିଭା ମିଶ୍ର ଦାଶ, ସହ ସମ୍ପାଦକ ଶୈଳେନ୍ଦ୍ର ଦାସ, ସୁରେନ୍ଦ୍ର ସାହୁ, ଦେବେନ୍ଦ୍ର ପଣ୍ଡା, ବସନ୍ତ କୁମାର ଦାସ, ବସନ୍ତ କୁମାର ସେନାପତି, ପ୍ରଫୁଲ୍ଲ କୁମାର ବାରିକ , ଅକ୍ଷୟ ପଣ୍ଡା ଓ ନିରଞ୍ଜନ ଧଳ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ପରାଗ ସାହିତ୍ୟ ସଂସଦର କର୍ମକର୍ତ୍ତା।

## ନୃତ୍ୟଗୀତରେ ଝୁମିଲେ ଦର୍ଶକ


କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

### ଭ୍ରାତୃତ୍ୱ ଓ ସଂସ୍କୃତିକୁ ସମୃଦ୍ଧ କରିଛି ଡେରାବିଶ ମହୋତ୍ସବ

ଡେରାବିଶ, ୩୦।୧୨(ବେବର୍ତ୍ତା ଅଜୟ ଦାସ)

ସମସ୍ତଙ୍କ ମଧ୍ୟରେ ଭାତୃତ୍ୱ ଓ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରେ ମହୋତ୍ସବ ବୋଲି ଅବସରପ୍ରାପ୍ତ ପ୍ରଶାସକ ବିଶ୍ୱନାଥ ଆଚାର୍ଯ୍ୟ କହିଛନ୍ତି । କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଓ ଡେରାବିଶ ସାଂସ୍କୃତିକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱାଦଶ ଡେରାବିଶ ମହୋତ୍ସବର ଶନିବାର ଥିଲା ଅଷ୍ଟମ ସନ୍ଧ୍ୟା । ଆଜିର ଏହି ଅବସରରେ ସଙ୍ଗଠନର ବରିଷ୍ଠ ଉପଦେଷ୍ଟା ଶିକ୍ଷାବିତ୍ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସମାବେଶରେ ମୁଖ୍ୟଅତିଥିଭାବେ ଯୋଗଦେଇ ଆଚାର୍ଯ୍ୟ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିସହ ଅଞ୍ଚଳର ସଂସ୍କୃତି ଓ ଐତିହ୍ୟକୁ ମହୋତ୍ସବ ପୁର୍ନଜିବିତ କରି ରଖିଥିବା ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ବିକାଶ ମହାପାତ୍ର ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ଓ ଭଉଣୀ ତଅପୋଇଙ୍କ ସହ ସାଧବ ସାତଭାଇଙ୍କ ସଂସ୍କୃତି କେନ୍ଦ୍ରାପଡ଼ା ଜିଲ୍ଲା ସହ ନିବିଡ଼ ଥିଲା ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଓ ବିଡ଼ିଓ ଦାଶରଥି ଜେନା ଯୋଗଦେଇ ଅଞ୍ଚଳର ସଂସ୍କୃତି ସମ୍ପନ୍ନ ଡେରାବିଶ ଅଞ୍ଚଳର ସୁଦୃଢ଼ କରିବାରେ ମହୋତ୍ସବ ସହାୟକ ହୋଇଥିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସାରସ୍ୱତ ସମାବେଶରେ ସଙ୍ଗଠନର ସମ୍ପାଦକ ଶାନ୍ତି ସ୍ୱରୂପ ଭୂୟାଁ ଅତିଥି ପରିଚୟ ଓ ସଦସ୍ୟ ଅଭିମନ୍ୟୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁମ୍ବାଇର ଗ୍ଲାମର ୭୭ ଓ କଟକର ଗୀତସାଗର କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଆଜିର ଏହି କାର୍ଯ୍ୟକ୍ରମକୁ ସୋଲେମାନ ଖାଁ, ଅନନ୍ତ କିଶୋର ଭୂୟାଁ, ରାମଚନ୍ଦ୍ର ରାଉତ, ସାହାଜାନ ଖା, ମରୁତ ସ୍ୱାଇଁ ସରୋଜକାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଫାଇନାଲରେ ବହୁରୂପା କ୍ରିକେଟ କ୍ଲବ

ରାଜକନିକା,୩୦।୧୨(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ତଥା ରାଜକନିକା ବ୍ଲକ ଡାଳିକାଏନ୍ଦା ଖେଳ ପଡ଼ିଆରେ ଆୟୋଜିତ ବିପ୍ଲବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ଆନୁକୂଲ୍ୟରେ ତଥା ମୁମ୍ବାଇ ଗୁରୁ ବ୍ରଦର୍ସ ପ୍ରାୟୋଜିତରେ ୪୮ତମ ଜିଲାସ୍ତରୀୟ ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ନାମେଣ୍ଟ ଶନିବାର ପ୍ରଥମ ସେମି ଫାଇନାଲ ମ୍ୟାଚ ଆଳି ମା'ଖରାଖାଇ କ୍ରିକେଟ କ୍ଲବ ବନାମ ପାରିନୂଆପଡ଼ାର ବହୁରୂପା କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବହୁରୂପା ଟିମ୍ ଖରାଖାଇ ଟିମ୍‌କୁ ୧୫ ରନରେ ହରାଇ ପ୍ରଥମ ଟିମ୍ ଭାବେ ଫାଇନାଲରେ ପ୍ରବେଶ କରିଛି ।

ବହୁରୂପା ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭର ୪ ଉଇକେଟ ବିନିମୟରେ ୨୦୪ ରନ କରିଥିବାବେଳେ, ଜବାବରେ ଖରାଖାଇ ଟିମ୍ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୮୯ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା । ଆଜିର ଖେଳରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ କ୍ରୀଡ଼ାବିତ ତଥା ରାଜକନିକା ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ପବିତ୍ର ରାଉତ ଓ ସମ୍ମାନିତ ଅତିଥି ଭାବେ ଦୁଷ୍ମନ୍ତ ପାତ୍ର, ଗୁରୁଜୀ ଗ୍ରୁପ ଅଫ୍ କମ୍ପାନୀର ହୃଷିକେଶ ଗୁରୁ ଏବଂ ସୈନିକ ଇଣ୍ଡିଆ ବରଗଡ଼ ଶାଖାର ଏମ. ଡ଼ି. ବିରଞ୍ଚି ନାରାୟଣ ନାୟକ ପ୍ରମୁଖ ଯୋଗଦେଇ ଉଭୟ ଟିମର ଖେଳାଳିମାନଙ୍କ ସହ ପରିଚିତ ହେବା ସହ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ବିଜେତା ଟିମ୍‌ର ସୌମ୍ୟ ରଞ୍ଜନ ସାମଲଙ୍କୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ଇତିଅବସରରେ ଯୁବକ ସଂଘର ସଭାପତି ପ୍ରମୋଦ ରାଉତ, ସମ୍ପାଦକ ସରୋଜ ବେହେରା ଓ କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ପାୟାର ଭାବେ ପ୍ରକାଶ ସାହୁ ଓ ନିଗମାନନ୍ଦ ବେହେରା ଖେଳ ପରିଚାଳନା କରିଥିବାବେଳେ ଅସିତ ନାୟକ, ଅମିତ ବିଶ୍ୱାଳ, ଶକ୍ତିମୟ ବିଶାଳ, ଶକ୍ତିମୟ ବିଶାଳ, ଅଜିତ୍ ଗୁରୁ ଓ ଅମିତ ଗୁରୁ ପ୍ରମୁଖଙ୍କ ସମେତ ଯୁବକ ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଜିଲାସ୍ତରୀୟ ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ନାମେଣ୍ଟ**


ଜଣେ କୃତୀ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରାଯାଉଛି।

## ମାର୍ଶାଘାଇରେ ଅକ୍ଷତ କଳସ କାର୍ଯ୍ୟକ୍ରମ

ମାର୍ଶାଘାଇ,୩୦।୧୨(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଆସନ୍ତା ଜାନୁୟାରୀ ୨୨ତାରିଖରେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ପାଇଁ ଦେଶବ୍ୟାପୀ ବିଭିନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଏହି ଅବସରରେ ଅଯୋଧ୍ୟାରୁ ଆସିଥିବା ଅକ୍ଷତ କଳସ ଶନିବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁସୁନପୁର ଆଖଣ୍ଡଳମଣିଙ୍କ ମନ୍ଦିରରେ ପହଞ୍ଚିବା ପରେ ମାର୍ଶାଘାଇ ବ୍ଲକ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ନ୍ୟାସର ସହ ସଂଯୋଜକ ହିମାଂଶୁ ଶେଖର ନାୟକ ଓ ଅନ୍ୟ କର୍ମକର୍ତ୍ତା ଏହାକୁ ସ୍ୱାଗତ କରିବା ସହ ପୂଜାର୍ଚ୍ଚନା କରିଥିଲେ । ପରେ ଏହି କଳସକୁ ବ୍ଲକର୨୬ ପଞ୍ଚାୟତ ଓ ମହାକାଳପଡ଼ା ବ୍ଲକର ୧୧ ପଞ୍ଚାୟତରେ ଶୋଭାଯାତ୍ରା ମାଧ୍ୟମରେ ନିଆଯାଇଥିଲା ।

## ବ୍ୟାନରରେ ବିଧାୟକଙ୍କ ଫଟୋ ଥିବାରୁ କୁଶପୁତ୍ତଳିକା ଦାହ



ଆନ୍ଦୋଳନକାରୀମାନେ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

ପଟ୍ଟାମୁଣ୍ଡାଇ,୩୦।୧୨ (କଳ୍ପତରୁ ନାୟକ)

'ନୂଆ-ଓ 'ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବ୍ୟାନରରେ ବିଧାୟକଙ୍କ ଫଟୋଚିତ୍ର ଥିବା ନେଇ ପଟ୍ଟାମୁଣ୍ଡାଇ ଭାଜପା ପକ୍ଷରୁ ପ୍ରତିବାଦର ସ୍ୱର ଉଠିବା ସହିତ ଶନିବାର ସନ୍ଧ୍ୟାରେ ବାଇପାସ ଛକଠାରେ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ରାଜ୍ୟ ସରକାରଙ୍କ 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରୋହିତ୍ୟରେ ପଟ୍ଟାମୁଣ୍ଡାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜରେ ମିଳିତ ଭାବେ ଚାଲିଥିଲା। ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଧ୍ରୁବ ସାହୁ, ସମ୍ମାନିତ ଅତିଥି ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ,ରାଜନଗର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ ଓ ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧ୍ୟକ୍ଷ ହେମନ୍ତ କୁମାର ସାହୁ ଯୋଗ ଦେଇଥିଲେ । ମାତ୍ର ସାରା ରାଜ୍ୟରେ ନୂଆ-ଓ କାର୍ଯ୍ୟକ୍ରମ ବ୍ୟାନରରେ କେବଳ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହିବାର ନିୟମଥିବା ବେଳେ ଏହି ଉତ୍ସବରେ କଲେଜ ଅଧ୍ୟକ୍ଷ ପ୍ରଫେସର ଭୂୟାଁ ବିଧାୟକ ପ୍ରୀତି ଦେଖାଇ ବିଧାୟକଙ୍କ ଫଟୋ ବ୍ୟାନରରେ ସ୍ଥାନିତ କରିଥିଲେ । ଏନେଇ ପଟ୍ଟାମୁଣ୍ଡାଇ ଭାଜପା ଏହାର ନିନ୍ଦାକରିବା ସହିତ ସରକାରୀ କାର୍ଯ୍ୟରେ ବିଧାୟକଙ୍କ ଫଟୋ ରହିବା ନେଇ ପ୍ରତିବାଦ ସ୍ୱର ଉଠାଇଥିଲେ। ଏହାର ପ୍ରତିବାଦରେ ପଟ୍ଟାମୁଣ୍ଡାଇ ଭାଜପା ପକ୍ଷରୁ ଭାଜପା ସଙ୍ଗଠକ ଶଶିକାନ୍ତ ସ୍ୱାଇଁ, ସଞ୍ଜୟ ସାହୁ, ଆଶିଷ ମଲିକ, ଦୀପକ ମଲିକ, ମଦନମୋହନ ଜେନା, ମିଥୁନ ମଲିକ, ସମର ସାହୁ, ଅମୂଲ୍ୟ ଦାସ, ସୁଶାନ୍ତ ଦାସ, ପିତାମ୍ବର କର, ଉମାକାନ୍ତ ଦାସ ପ୍ରମୁଖ ଭାଜପା କର୍ମକର୍ତ୍ତା ସାମିଲ ହୋଇ ଶନିବାର ସନ୍ଧ୍ୟାରେ ବାଇପାସ ଛକଠାରେ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏ ବାବଦରେ ପଟ୍ଟାମୁଣ୍ଡାଇ ବିଜେଡି ବ୍ଲକ ସଭାପତି କିଶୋର ସାହୁ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ ଘଟଣାକୁ ନିନ୍ଦା କରିବା ସହିତ ଅର୍ନ୍ତଦ୍ୱନ୍ଦରେ ବୁଡି ରହିଥିବା ରାଜନଗର ଭାଜପା ଔଷଧ ବିକଳରେ ତାଟିଆ କାମୁଡି ବିକାଶରେ ବାଧକ ସାଜିଛନ୍ତି। ସେ କେବଳ ଅପପ୍ରଚାର ଓ ଅପନିନ୍ଦା ଦେବାକୁ କାର୍ଯ୍ୟ କରିବାକୁ ସବୁସ୍ତରରେ ନିନ୍ଦା କରାଯାଉଛି ବୋଲି କହିଥିଲେ।

## ଚାନ୍ଦୋଳ କଲେଜରେ 'ନୂଆ-ଓ' ଯୁବ ଓଡ଼ିଶା ଉଦ୍‌ଯାପିତ

ଡେରାବିଶ,୩୦।୧୨(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ପରିସରରେ ଗତ ମାସ ୧୩ ତାରିଖଠାରୁ ଆରମ୍ଭ ହୋଇଥିବା 'ନୂଆ-ଓ 'ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମଣ କୁମାର ଦାଶ ସଭାପତିତ୍ୱ କରିଥିଲେ । ମହାବିଦ୍ୟାଳୟର ପ୍ରତିଷ୍ଠାତା ହୃଦୟାନନ୍ଦ ନାୟକଙ୍କ ପୁତ୍ର ତଥା ଓଡ଼ିଶା ଉଚ୍ଚନ୍ୟାୟାଳୟର ଅଧିବକ୍ତା ଗିରିଜାନନ୍ଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ପ୍ରତିନିଧି ତଥା ବିଜେଡ଼ି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂଜୟ ଅଗ୍ରୱାଲ୍ ଯୋଗଦେଇ ନବୀନ ସରକାରଙ୍କ ନୂଆ-ଓ ତଥା ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳର ଯୁବତୀ ଯୁବକମାନଙ୍କ ପ୍ରତିଭା ବିକଶିତ ହେବ । ଏଥିସହିତ ଯୁବକମାନଙ୍କର ବୌଦ୍ଧିକ ଓ ଶାରିରୀକ ବିକାଶ ରାଜ୍ୟକୁ ବିକଶିତ କରିପାରିବ ବୋଲି ସରକାରଙ୍କ ମହାବିଦ୍ୟାଳୟ ମାନଙ୍କରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଇଛନ୍ତି। ଏହା ଶତପ୍ରତିଶତ ସଫଳ ହେଉଥିବା ଜଣାଯାଇଛି ବୋଲି ଅଗ୍ରୱାଲ କହିଥିଲେ । ସମ୍ମାନିତ ଅତିଥିଭାବେ କାର୍ଯ୍ୟକ୍ରମର ଜିଲ୍ଲା ନୋଡାଲ ଅଧିକାରୀ ଅଧ୍ୟାପକ ପ୍ରମୋଦ କୁମାର ବେହେରା ଯୋଗ ଦେଇଥିଲେ । ମହାବିଦ୍ୟାଳୟର ମୁଖ୍ୟ ନୋଡାଲ ଅଧିକାରୀ ପ୍ରାଧ୍ୟାପିକା ଶ୍ରୀମତୀ ଦାସ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ରଙ୍କ ବେଦପାଠ ଧ୍ୱନୀରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ବିଭାଗର ନୋଡ଼ାଲ ଅଧିକାରୀ ଅଧ୍ୟାପକ ସଂଜୟ କୁମାର ନାୟକ, ସାମାଜିକ ବିଭାଗର ନୋଡାଲ୍ ଅଧିକାରୀ ଅଧ୍ୟାପିକା ସୁକନ୍ୟା ମହାନ୍ତି ଓ ତାଙ୍କ ସହଯୋଗୀଙ୍କ ଅଧ୍ୟାପିକା ସାଶ୍ୱତି ପ୍ରଜ୍ଞା ସାହୁ, ମନିଷା ଦାସ, ମନିଷା ମହାରଣାଙ୍କ ସହଯୋଗରେ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଉତ୍ସବକୁ ଅଧ୍ୟାପକ ପ୍ରଦୀପ ରାଉତ ଓ ଦିବ୍ୟ କୁମାର ଦାସଙ୍କ ଭକ୍ତି ସଙ୍ଗୀତ ଗାନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆଜି ଉଭୟ +୨ ଓ +୩ର ଛାତ୍ରଛାତ୍ରୀମାନଙ୍କର ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ବିଚାରକ ଭାବେ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳ, ପ୍ରାଧ୍ୟାପକ ଦିଲୀପ କୁମାର ଭୂୟାଁ, ଅଧ୍ୟାପକ ପ୍ରଭାକର ଦାସ, ପ୍ରହ୍ଲାଦ ମାଝି, ଶଶିଭୂଷଣ ଜେନା, ବରଦା ପ୍ରସାଦ ଜେନା, ବେଦପ୍ରକାଶ ନାୟକ, ଦେବାଶିଷ ମହନ୍ତ, ପ୍ରତାପ କୁମାର ଜେନା, ବିମଳ ବାରିକ ଓ ଅଧ୍ୟାପିକା ଝରାଶ୍ରୀ ପରିଜା ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରାଧ୍ୟାପିକା ମିନାକ୍ଷୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି । ମଞ୍ଚରେ ନୃତ୍ୟ ପରିବେଷଣ କରୁଥିବା ଜଣେ ଛାତ୍ରୀ।

## ସଂକ୍ଷେପରେ

### ବେଆଇନ ବାଲି ଚାଲାଣ, ହିଟାଚି ଜବତ

ଖଣ୍ଡପଡ଼ା,୩୦ା୧୨(ଅଜୟ କୁମାର ମହାରଣା)

ଶୁକ୍ରବାର ଅପରାହ୍ନରେ ଖଣ୍ଡପଡା ତହସିଲଦାର ଅଚାନକ ଚଢାଉ କରି ଏକ ହିଟାଚି ମେଶିନ ଜବତ କରିଥିବା ସୂଚନା ମିଳିଛି । ଉକ୍ତ ହିଟାଚିକୁ ଶନିବାର କଣ୍ଟିଲୋ ଫାଣ୍ଡି ପରିସରକୁ ଅଣାଯାଇଛି। ତହସିଲଦାର ନାୟକଙ୍କ ସୂଚନା କ୍ରମେ ତହସିଲ ଅଧୀନ ବାଣପୁର ଗ୍ରାମ ନିକଟ ମହାନଦୀ ଘାଟରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା କୌଣସି ସୁତ୍ରରୁ ଖବର ପାଇଥିଲେ । ତହସିଲଦା ନାୟକ ଓ ତହସିଲ କର୍ମଚାରୀଙ୍କ ସମେତ କଣ୍ଟିଲୋ ଆରଆଇ ପଙ୍କଜିନୀ ମାଝି ଚଢାଉ କରି ଉକ୍ତ ହିଟାଚିକୁ ଜବତ କରିଥିଲେ। ସୂଚନାଯୋଗ୍ୟ ଯେ, ସିଧାମୂଳାସ୍ଥିତ ମହାନଦୀ ବାଲି ଘାଟ ପରିବେଶ ମଞ୍ଜୁରୀ ଆଦି ବିଭିନ୍ନ କାରଣରୁ ଦୀର୍ଘ ଦିନ ହେବ ବନ୍ଦ ରହିଥିବା ବେଳେ ଅନ୍ୟାନ୍ୟ ବାଲିଘାଟରୁ ଚୋରାରେ ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଥିଲା ।

### ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଖଣ୍ଡପଡା,୩୦ା୧୨(ଅଜୟ କୁମାର ମହାରଣା)

ଡ଼ାକ କର୍ମଚାରୀଙ୍କ ଦ୍ୱାରା ଏକ ଜରୁରୀ କାଳୀନ ପତ୍ର ଜଣେ ମହିଳାଙ୍କୁ ପ୍ରଦାନ କରିବାରେ ବିଳମ୍ବକୁ ନେଇ ବିବାଦର ସୁତ୍ରପାତ ହୋଇଛି । ଡ଼ାକ ଯୋଗେ ଆସିଥିବା ସଂପୃକ୍ତ ପତ୍ର ପ୍ରଦାନ ଦାୟିତ୍ୱରେ ଥିବା ଜଣେ ଡ଼ାକ କର୍ମଚାରୀ ଉକ୍ତ ମହିଳାଙ୍କୁ ଧମକ ସହ ଖରାପ ବ୍ୟବହାର ପ୍ରଦର୍ଶନ କରିଥିବା ନେଇ କୋସକା ଫାଣ୍ଡିରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ରୟତ ଢୋଲମରା ଗ୍ରାମର ମଞ୍ଜୁଲତା ପାତ୍ରଙ୍କ ନିକଟକୁ ଭାରତୀୟ ଜୀବନବୀମା ନିଗମ ଭୁବନେଶ୍ୱର ଶାଖାରୁ ଡ଼ାକ ଯୋଗେ ଏକ ପତ୍ର ଆସିଥିଲା । ଉକ୍ତ ପତ୍ରଟି ଗତ ୨୩ ତାରିଖରେ ରୟତଢୋଲମରା ଶାଖା ଡ଼ାକଘରେ ପହଁଚିଥିଲା । ଡ଼ାକ କର୍ମଚାରୀ ଶାନ୍ତିଲତା ସାହୁଙ୍କ ବଦଳରେ ତାଙ୍କ ସ୍ୱାମୀ ରମେଶ ସ୍ଥାନୀୟ ଅଞ୍ଚଳର ଗ୍ରାହକ ମାନଙ୍କୁ ଚିଠିପତ୍ର ବାଣ୍ଟୁଥିବା ବେଳେ ଉକ୍ତ ପତ୍ରଟି ଡ଼ାକଘରୁ ଆଣି ନିଜ ଘରେ ପକାଇ ରଖିଥିବା ଅଭିଯୋଗ ହୋଇଛି । ଗତ ୨୭ ତାରିଖ ସନ୍ଧ୍ୟା ୮ଟାରେ ଡ଼ାକ ଯୋଗେ ଏକ ପତ୍ର ଆସିଥିବା ନେଇ ରମେଶ ମଞ୍ଜୁଲତାଙ୍କୁ ଜଣାଇଥିଲେ । ଉକ୍ତ ପତ୍ରଟି ନିଜ ଘରକୁ ଆସି ନେବାକୁ ସୂଚନା ଦେଇଥିଲେ । ମଞ୍ଜୁଲତା ଗତ ୨୮ ତାରିଖ ପୂର୍ବାହ୍ନରେ ରମେଶଙ୍କ ଘରେ ପହଞ୍ଚି ପତ୍ରଟିକୁ ଗ୍ରହଣ କରିଥିଲେ। ତେବେ ବିଳମ୍ବରେ ପତ୍ରଟିକୁ କାହିଁକି ଦେଲ ବୋଲି ପଚାରିବାରେ ରମେଶ ବିରକ୍ତ ପ୍ରକାଶ କରି ଗାଳିଗୁଲଜ କରିଥିବା ମଞ୍ଜୁଲତା କୋସକା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି ।

### ମ୍ୟୁନିସିପାଲିଟି ପକ୍ଷରୁ କ୍ରୀଡା ଉତ୍ସବ

ନୟାଗଡ଼,୩୦ା୧୨(ଲୋକନାଥ ମିଶ୍ର)

ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ସ୍ଥାନୀୟ ପୁରୁଣା ସହରର ମା' ଦକ୍ଷିଣ କାଳୀ ମନ୍ଦିରର ମଣ୍ଡାବାଗନ ପଡିଆରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହାକୁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, କାଉନସିଲର ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର ଉପସ୍ଥିତ ଥିଲେ।

# ପୌଷ ପୂର୍ଣ୍ଣମୀ ପୂର୍ବରୁ ରୁପା ଛାଉଣି ହେବ ମନ୍ଦିର ଗର୍ଭଗୃହ

ଖଣ୍ଡପଡ଼ା,୩୦ା୧୨(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଭାବେ କଣ୍ଟିଲୋସ୍ଥିତ ଶ୍ରୀ ନୀଳମାଧବ ଜୀଉ ସର୍ବଜନ ବିଦିତ । ଏ ପୀଠର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦୦ କୋଟି ଟଙ୍କାର ଅନୁଦାନ ଅର୍ଥ ମଞ୍ଜୁର କରାଯାଇ ପ୍ରକଳ୍ପର କାର୍ଯ୍ୟ ଚାଲୁ ରହିଛି । ଇତିମଧ୍ୟରେ ନୀଳମାଧବ ପୂଜକ ସମାଜ ପକ୍ଷରୁ ନୀଳମାଧବ ମନ୍ଦିରର ଗର୍ଭଗୃହ, ଠାକୁରଙ୍କ ଆସ୍ଥାନ ଖିଲଣୀ ସହ ଭୈରବୀ ଦ୍ୱାର ପର୍ଯ୍ୟନ୍ତ ରୁପା ଛାଉଣୀ କରାଯିବ ବୋଲି ନିଷ୍ପତ୍ତି ହୋଇଥିବା ପୂଜକ ସମାଜର ସଭାପତି ସଚ୍ଚିଦାନନ୍ଦ ମିଶ୍ର ଓ ଉପସଭାପତି ସରୋଜ କୁମାର ମିଶ୍ର ସୂଚନା ଦେଇଛନ୍ତି । ଏହି ଅବସରରେ ସଭାପତି ମିଶ୍ରଙ୍କ ନେତୃତ୍ୱରେ ଅୟୋଜିତ ଏକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ନୀଳମାଧବ ମିଶ୍ର, କୋଷାଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ମିଶ୍ର, ଉପସଭାପତି ସରୋଜ ମିଶ୍ର ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସମେତ


ଶ୍ରୀ ନୀଳମାଧବ ଜୀଉ ।

ତହସିଲଦାର ଧୋବେଇ ପ୍ରଧାନ, ଖଣ୍ଡପଡା ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁ, ସ୍ଥାନୀୟ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଏ କାର୍ଯ୍ୟରେ ସହଯୋଗ କରିଥିଲେ । ତେବେ ଏ ସମସ୍ତ ରୁପା ଛାଉଣୀ କାର୍ଯ୍ୟ ପାଇଁ ପ୍ରାୟ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହେବାର ଆକଳନ କରାଯାଇଥିବା ବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ କଟକ ଅଲିଶା ବଜାରର ତରକସୀ କାରିଗର ପ୍ରଫୁଲ୍ଲ ପୃଷ୍ଟିଙ୍କୁ ୨ ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ପ୍ରଦାନ କରାଯାଇଥିବା ଫାଣ୍ଡି ଅଧିକାରୀ ଜେନାଙ୍କ ଠାରୁ ସୂଚନା ମିଳିଛି । ଏହି ରୁପା ଛାଉଣି କାର୍ଯ୍ୟ ଆସନ୍ତା ଜାନୁୟାରୀ ୨୫ ତାରିଖ ପୌଷ ପୂର୍ଣ୍ଣମୀ ତଥା ଠାକୁରଙ୍କ ସୁନା ବେଶ ପୂର୍ବରୁ ସମ୍ପନ୍ନ ହେବାର ନିଷ୍ପତ୍ତି ହୋଇଥିବା ଜଣାଯାଇଛି। ଏହାଛଡା ପୂଜକ ସମାଜ ପକ୍ଷରୁ ବର୍ଷର ବିଭିନ୍ନ ସମୟରେ ଠାକୁରଙ୍କୁ ୧୦ଟି ବେଶରେ ସଜ୍ଜିତ କରାଯାଉଥିବା ବେଶକୁ ମଧ୍ୟ ମନ୍ଦିର ପରିସରରେ ପଦର୍ଶିତ କରାଯିବ ବୋଲି ପୂଜକ ସମାଜ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପୂଜକ ସମାଜ ପକ୍ଷରୁ ଏପରି କାର୍ଯ୍ୟ ହେଉଥିବା ଜଣାପଡିବା ପରେ ସାଧାରଣରେ ଖୁସିର ଲହର ଖେଳିଯାଇଛି। ଏ ସମସ୍ତ ଖର୍ଚ୍ଚ ପୂଜକ ସମାଜ ପକ୍ଷରୁ କରାଯିବାର ନିଷ୍ପତ୍ତି ନିଆଯାଇଛି ।


ନୟାଗଡ଼ ପ୍ରଜାମଣ୍ଡଳ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ।

### ଯୁବ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ନୟାଗଡ଼,୩୦ା୧୨(ଲୋକନାଥ ମିଶ୍ର)

ନୟାଗଡ଼ ପ୍ରଜାମଣ୍ଡଳ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଶୁକ୍ରବାର ଉଦ୍‌ଘାଟିତ ହୋଇଥିବା ନୂଆ–ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି । ପ୍ରଜାମଣ୍ଡଳ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ରାଜଶ୍ରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ମୁଖ୍ୟବକ୍ତାଭାବେ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପ୍ରଜାମଣ୍ଡଳ ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିଚାଳନା ପରିଷଦର ଅଧ୍ୟକ୍ଷା ମୃଣାଳିନୀ ଦାସ, ନୟାଗଡ଼ ବ୍ଲକର ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲା ପରିଷଦ ସଭ୍ୟ କ୍ଷୀରୋଦ ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଛାତ୍ରୀଙ୍କୁ ହିତଉପଦେଶ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥବବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଶେଷ ଠିକଣା ନାଟକ ମଞ୍ଚସ୍ଥ ହେବା ସହ ସାଂସ୍କୃତିକ ଆସର ଲାଗି ରହିଥିଲା ।

# ଜାନୁୟାରୀ ୫ରେ ଦଶପଲ୍ଲା ଷ୍ଟେଶନ ଉଦ୍‌ଘାଟନ

ନୟାଗଡ଼/ଦଶପଲ୍ଲା, ୩୦ା୧୨
(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

## ଅନୁଧ୍ୟାନ କଲେ ରେଳ ଚିଫ୍ ଇଞ୍ଜିନିୟର

ଶନିବାର ରେଳ ବିଭାଗର ଚିଫ ଇଞ୍ଜିନିୟର ରାଜନେଶ ମାଥୁର ଦଶପଲ୍ଲା ଷ୍ଟେଶନ ଅନୁଧ୍ୟାନ କରି ଫେରିଛନ୍ତି । ଜାନୁୟରରୀ ୩ରେ ପୂର୍ବତଟ ରେଳ ବିଭାଗର ମହାପ୍ରବନ୍ଧକ ମନୋଜ ଶର୍ମାଙ୍କ ନୟାଗଡ଼ ଜିଲାର ଦଶପଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି । ମହା ପ୍ରବନ୍ଧକ ଭୁବନେଶ୍ୱରରୁ ଦଶପଲ୍ଲାକୁ ରେଳ ଇଞ୍ଜିନରେ ଆସି ୱେଣ୍ଡୋ ଟ୍ରେଲିଂ କରିବା ସହ ଟ୍ରାକ, ଓଏଚଇ, ସିଗନାଲ ଇତ୍ୟାଦି ବ୍ୟବସ୍ଥାର ନିରୀକ୍ଷଣ କରିବେ । ଅନ୍ୟପକ୍ଷେ ସ୍ୱତନ୍ତ୍ର ସ୍ୱୟଂ ଚାଳିତ କୋଚରେ ରେଳ ଷ୍ଟେଶନର ଆନୁସଙ୍ଗିକ ବ୍ୟବସ୍ଥା ସହ ଦଶପଲ୍ଲା ଷ୍ଟେଶନର ବିଭିନ୍ନ କାର୍ଯ୍ୟର ଅଗ୍ରଗତି ନେଇ ଅନୁଧ୍ୟାନ କରିବେ । ଏଭଳିସ୍ଥଳେ ଜାନୁୟାରୀ ୫ରେ ଦଶପଲ୍ଲା ଷ୍ଟେଶନ ଉଦ୍‌ଘାଟନ ହେବାର ରହିଛି । ଜଣେ ରେଳ ବିଭାଗର କର୍ମଚାରୀଙ୍କ ସୂଚନା ଅନୁସାରେ ସରକାରୀ ଭାବେ ଉଦ୍ଘାଟନ ନେଇ ଚିଠି ଆସି ନ ଥିଲେ ମଧ୍ୟ ୫ରେ ରେଳ ଷ୍ଟେଶନ ଉଦ୍‌ଘାଟନ ହେବାର ରହିଛି ବୋଲି ସୂଚନା ମିଳିଛି । ଅପରପକ୍ଷେ ଖୋର୍ଦ୍ଧା ରୋଡ ଜଙ୍କସନ ଠାରୁ ଦଶପଲ୍ଲାକୁ ଏକ ମେମୁ ଟ୍ରେନ ଶୁକ୍ରବାର ପରି ଶନିବାର ମଧ୍ୟ ଟାଏଲ ପାଇଁ ଗଡିଛି । ପାସେଞ୍ଜର ଟ୍ରେନ ଗଡିବା ପୂର୍ବରୁ ବାରମ୍ବାର ଟ୍ରାଏଲ ହୋଇଥାଏ ବୋଲି କୁହାଯାଇଛି ।

## ଓଡ଼ିଶା ଜୁଡିସିଆଲ ସର୍ଭିସ ପରୀକ୍ଷା

# ୨୧ ର୍‍ୟାଙ୍କରେ ଦଶପଲ୍ଲାର ସୀମା

ନୟାଗଡ଼,୩୦ା୧୨(ଲୋକନାଥ ମିଶ୍ର)

ଓଡିଶା ଜୁଡିସିଆଲ ସର୍ଭିସ ପରୀକ୍ଷାରେ ନୟାଗଡ଼ ଜିଲା ଦଶପଲ୍ଲା ଏନଏସି ବକ୍ସିପାଟଣାର ସୀମା ଅଗ୍ରୱାଲା ୨୧ନଂ. ର୍‍ୟାଙ୍କରେ ରହି ନୟାଗଡ଼ ଜିଲା ସମେତ ଦଶପଲ୍ଲା ଏନଏସି ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ସୀମାଙ୍କ ବାପା ସଜନ କୁମାର ଜଣେ ବ୍ୟବସାୟୀ । ଦଶପଲ୍ଲା ବଜାରରେ ବ୍ୟବସାୟ କରି ଝିଅକୁ ମାଜିଷ୍ଟ୍ରେଟ କରିବା ପାଇଁ ସ୍ୱପ୍ନ


ସୀମା ଅଗ୍ରୱାଲା

ଦେଖିଥିଲେ। ମା'ମଞ୍ଜୁଲତା ଜଣେ ଗୃହିଣୀ । ମା'ବାପାଙ୍କ ସ୍ୱପ୍ନକୁ ସୀମା ପୂରଣ କରିବାରେ ସଫଳ ହୋଇଛନ୍ତି । ସୀମା ଓଡ଼ିଶା ଜୁଡିସିଆଲ ସର୍ଭିସ ପରୀକ୍ଷାରେ ମାତ୍ର ୧୪ ନମ୍ବର ପାଇଁ ବିଫଳତାର ସ୍ୱାଦ ଚାଖିଥିଲେ । ତେବେ ଏଥିରେ ଭାଙ୍ଗି ନ ପଡି ପୁଣି ୨ୟ ଥର ପାଇଁ ପରୀକ୍ଷା ଦେଇ ସଫଳତାର ସ୍ୱାଦ ଚାଖିଛନ୍ତି । ରାଜ୍ୟରେ ୫୫ ଜଣ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଦିନକୁ ୬ରୁ ୭ ଘଣ୍ଟା ପରିଶ୍ରମ କରୁଥିଲେ । ପରିଶ୍ରମର ଫଳ ଓ ମା ବାପାଙ୍କ ସ୍ୱପ୍ନ ସହ ନିଜର ସ୍ୱପ୍ନକୁ ସାକାର କରିଥିବା ସୀମା କହିଛନ୍ତି ।

### ମହୁମାଛି ଆକ୍ରମଣରେ ଏନ୍‌ଏସି ଅଧ୍ୟକ୍ଷ ଗୁରୁତର

ଦିଗପହଣ୍ଡି(ଅଶେଷ ନାଥ ମିଶ୍ର)

ମହୁମାଛି ଆକ୍ରମଣରେ ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ଶନିବାର ଗୁରୁତର ଆହତ ହୋଇଛନ୍ତି। ସକାଳେ ଦିଗପହଣ୍ଡି କୋର୍ଟ କଲୋନୀ ନିକଟ ନିଜ ଜମିରୁ ଶିମ୍ବ, ଅଲଡି ଆଦି ପରିବା ସଂଗ୍ରହ କରୁଥିବା ବେଳେ ପ୍ରଥମେ ଶିମ୍ବ ଫୁଲରେ ବସିଥିବା କିଛି ମହୁମାଛି ତାଙ୍କୁ ଦଂଶନ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

# ଓଡ଼ଗାଁ କଲେଜରେ ନୂଆ–ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ



ନୂଆ–ଓ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଓଡ଼ଗାଁ,୩୦ା୧୨(ଆଦର୍ଶ କୁମାର ପଟ୍ଟନାୟକ)

## ଛାତ୍ରୀ ଛାତ୍ର ଓ ଅଧାପିକାଙ୍କ ନୃତ୍ୟ ଗୀତ ପରିବେଷଣ

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ସମବାୟ ସ୍ନାତକ ମହାବିଦ୍ୟାଳୟ ଓ ରଘୁନାଥ ସମବାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୁଲ୍ୟରେ ୧୫ ଦିନ ଧରି ଚାଲିଥିବା ନୂଆ–ଓ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି । କଲେଜ ପରିଚାଳନା କମିଟି ସଭାପତି ତଥା ପ୍ରାକ୍ତନ ବନ ସଂରକ୍ଷକ ସୁରେଶ ଚନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ବିଧାୟକ ଅରୁଣ କୁମାର ସାହୁ ଓ ସମ୍ମାନୀତ ଅତିଥି ଭାବେ କଲେଜ ଅଧ୍ୟକ୍ଷ ରାଜକିଶୋର ସାହୁ, ବ୍ଲକ ଅଧ୍ୟକ୍ଷା ଲୋକନାଥ ସାହୁ, ଜିଲା ପରିଷଦ ସଦସ୍ୟା ଝିଲି ପ୍ରଧାନ ଓ ବିରଜାଲକ୍ଷ୍ମୀ ସାହୁ ସମ୍ମାନୀତ ଅତିଥି ଭାବେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ବିଧାୟକ ସାହୁ ଭଲ ଲୋକ ଓ ମନ୍ଦ ଲୋକଙ୍କୁ ତଉଲ ପୂର୍ବକ ସେମାନଙ୍କ ସ୍ଥିତିକୁ ଅନୁଧ୍ୟାନ କରି ଜୀବନରେ ଉତ୍ତମ ନିଷ୍ପତ୍ତି ନେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଜିଲା ପରିଷଦ ସଦସ୍ୟ ସାହୁ ସରକାରଙ୍କ ଏହି କାର୍ଯ୍ୟକ୍ରମ ଦ୍ୱାରା ପିଲାମାନେ ସେମାନଙ୍କ ପ୍ରତିଭାକୁ ଚାରି କାନ୍ଥ ବାହାରକୁ ନେବାରେ ସକ୍ଷମ ହୋଇଥିବା କହିଥିଲେ । ଅନ୍ୟପକ୍ଷେ ୧୫ ଦିନ ଧରି ଆୟୋଜିତ ବିଭନ୍ନ କାର୍ଯ୍ୟକ୍ରମର ଉଦଯାପନୀ ଦିବସରେ ଛାତ୍ରୀଛାତ୍ର ଓ ଅଧାପିକା ନୃତ୍ୟ ଗୀତରେ ସାମିଲ ହୋଇ ମଞ୍ଚ ଦୁଲୁକେଇ ସମସ୍ତଙ୍କ ମନୋରଞ୍ଜନ କରିଥିଲେ । ନୁଆ–ଓ କାର୍ଯ୍ୟକ୍ରମ ସଂଯୋଜକ ଅଧାପକ ପ୍ରଦୀପ୍ତ କୁମାର ବିଶ୍ୱାଳ ଓ ଗ୍ରନ୍ଥାଗାର ଅର୍ଜୁନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମହିଳା ଡିଗ୍ରୀ ମହାବିଦ୍ୟାଳୟ 'ନୂଆ– ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀମାନେ ।

ଖଣ୍ଡପଡା,୩୦ା୧୨(ଅଜୟ କୁମାର ମହାରଣା)

ଖଣ୍ଡପଡା ମହିଳା ମହାବିଦ୍ୟାଳୟ ପରିସରରେ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ନୂଆ –ଓ ଯୁବ ଓଡିଶା କାର୍ଯ୍ୟକ୍ରମର ଶନିବାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷା ଲିପିକା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୁପେ ଏବିଡିଓ ସୁବାସ ଚନ୍ଦ୍ର ସେଠୀ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ କ୍ରୀଡା ବିଭାଗ ପ୍ରଶାସକ ଭାରତୀ ଭୂଷଣ ମିଶ୍ର, ସମ୍ମାନୀତ ଅତିଥି ଭାବେ ବିଧାନ ପ୍ରଧାନ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ, ସ୍ତମ୍ଭକାର ତଥା ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ପ୍ରାକ୍ତନ ନଗରପାଳ କିଶୋର ଚନ୍ଦ୍ର ଦାଶ, ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁ ଓ କମଳାକାନ୍ତ ଦାଶ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଉତ୍କର୍ଷତା ସମ୍ପର୍କରେ ଆଲୋକପାତ କରିବା ସହ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଛାତ୍ରୀ ଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବାର ଏକ ବଳିଷ୍ଠ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଶେଷରେ ଅନୁଷ୍ଠାନର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନୋଡାଲ ଅଫିସର ଅଧାପକ ପ୍ରଦୀପ୍ତ କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଧାପିକା ଅର୍ଚ୍ଚନା ମହାନ୍ତ, ବିଷ୍ଣୁପ୍ରିୟା ମହାନ୍ତି, ଅଧାପକ କାଳୀ ଚରଣ ପଟ୍ଟନାୟକ, ରୋଜାଲିନ ପରମଗୁରୁ, ରେଣୁବାଳା ମହାପାତ୍ର, ପ୍ରଦୀପ୍ତ କୁମାର ଦାଶ, ସତ୍ୟଜିତ ଦାଶଙ୍କ ସମେତ ଚନ୍ଦନା ମିଶ୍ର, ଶଙ୍କର୍ଷଣ ବିହାରୀ, ବିଜୟ କୁମାର ମହାପାତ୍ର, ମାନସ ନାୟକ, ସନାତନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ : ୟଙ୍ଗ୍ ଉତ୍କଳ ଟିମ୍ ଚାମ୍ପିୟନ

ଓଡ଼ଗାଁ,୩୦ା୧୨(ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ମିନି ଷ୍ଟାଡ଼ିୟମଠାରେ ଚାଲିଥିବା ୫ମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଓଡ଼ଗାଁ କପ୍‌ର ଫାଇନାଲ ମ୍ୟାଚରେ ୟୁନାଇଟେଡ ଏଫ୍‌ସି, ଗଣ୍ଡରପୁର ଭୁବନେଶ୍ୱରକୁ ୧–୦ ଗୋଲରେ ହରାଇ ୟଙ୍ଗ ଉତ୍କଳ, କଟକ ଚମ୍ପିୟାନ ହୋଇଛି । ଉକ୍ତ ଟିମ୍‌କୁ ଟ୍ରଫି ସହିତ ୩୦ ହଜାର ଟଙ୍କାର ନଗଦ ପୁରସ୍କାର ରାଶି ପ୍ରଦାନ କରାଯାଇଛି । ଚମ୍ପିୟାନ ଦଳର ୧୨ ନମ୍ବର ଜର୍ସି ବାପୁନି ବିନ୍ଧାଣି ଜୁରି କମିଟି ଦ୍ୱାରା ଅନ୍ତିମ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଏହି ଦଳର ଏକମାତ୍ର ଗୋଲ ଦେଇ ଦଳକୁ ଚମ୍ପିୟାନ କରିଥିବା ୧୭ ନମ୍ବର ଜର୍ସି ତପନ ସିଂଙ୍କୁ ନୟାଗଡ଼ ଜିଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରିଥିଲେ । ମୁଖ୍ୟ ଅତିଥି ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମ୍ୟାଚ ପ୍ରାରମ୍ଭରେ ପୁଷ୍ପଗୁଚ୍ଛ ଦେଇଥିଲେ । ପ୍ରଥମାର୍ଦ୍ଧରେ ଉଭୟ ଦଳ କେହି କାହାରିକୁ ଗୋଲଦେଇପାରି ନ ଥିଲେ । ଦ୍ୱିତୀୟାର୍ଦ୍ଧର ୪.୫୩ ମିନିଟ ୟଙ୍ଗ ଉତ୍କଳ କଟକ ପ୍ରତିପକ୍ଷଙ୍କୁ ଗୋଲ ଦେଇଥିଲା । ଖେଳ ଶେଷହେବା ପର୍ଯ୍ୟନ୍ତ ଆପ୍ରାଣ ଉଦ୍ୟମ କରିଥିବା ଗଣ୍ଡରପୁର ଭୁବନେଶ୍ୱର ଦଳ କୌଣସି ଗୋଲ କରିପାରି ନ ଥିଲେ । ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇଙ୍କ ଦ୍ୱାରା ଗଣ୍ଡରପୁର ଭୁବନେଶ୍ୱରକୁ ରନର୍ସ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଜିଲାପରିଷଦ ଅଧ୍ୟକ୍ଷଙ୍କ ଦ୍ୱାରା ଚମ୍ପିୟାନ ଟ୍ରଫି ପ୍ରଦାନ କରାଯାଇଥିଲା। ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଉପାଧ୍ୟକ୍ଷ ମୀରା ନାୟକ, ଜିଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ, ଓଡ଼ଗାଁ ଏନଏସି ଅଧିକାରୀ ଦୁଃଶାସନ ସ୍ୱାଇଁ, ପୂର୍ବତନ ଜିଲାପରିଷଦ ସଭ୍ୟ ସୂର୍ଯ୍ୟନାରାୟଣ ଚୌଧୁରୀ, ରଘୁନାଥ ଆଥଲେଟିକ ଆସୋସିଏସନ ସମ୍ପାଦକ ଦିବାକର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଥିଲେ । ସକାଳେ ହୋଇଥିବା ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଭେଟରାନ ଦଳ ଚମ୍ପିୟାନ ଟ୍ରଫି ହାସଲ କରିଥିବା ବେଳେ ପ୍ରତିପକ୍ଷ ଦଳକୁ ରନରସପରେ ସନ୍ତୁଷ୍ଟ ହେବାକୁ ପଡିଥିଲା । ଅପରାହ୍ନ ୨ ସମୟରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଆଜିର ଖେଳକୁ ରାଜୁ ମହାନ୍ତି ପରିଚାଳନା କରିଥିବା ବେଳେ ଜଗନ୍ନାଥ ପରିଡା, ଶଶିକାନ୍ତ ଦାସିଆ, ରମେଶ ପାଇକେରା ଲାଇନରେ ସହାୟତା କରିଥିଲେ । ସୁଶାନ୍ତ ପାତ୍ର, ନରେଶ ପାଣିଗ୍ରାହୀ, ସାର୍ଥକ ଷଡ଼ଙ୍ଗୀ ଧାରା ବିବରଣୀ ପ୍ରଦାନ କରିଥିଲେ ।



# ୮ ପରିବାରର ୧୨ ବଖରା ଜଳିଗଲା


ପୋଡ଼ିଯାଇଥିବା ଘର ।

ଭାପୁର, ୩୦ା୧୨(ଭରତ କୁମାର ବେହେରା )

ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୮ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ରାତି ବାରଟା ସମୟରେ ଭାପୁର ବ୍ଲକ ଅନ୍ତର୍ଗତ ଫତେଗଡ ପଞ୍ଚାୟତ ପାର୍ବତୀପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇଁ ଭାପୁର ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ଦୀର୍ଘ ସମୟଧରି ନିଆଁକୁ ଲିଭାଇ ଥିଲେ। ସେତେ ବେଳକୁ ୮ ପରିବାରର ୧୨ ବଖରା ଘର ପୋଡି ପାଉଁଶ ହୋଇଯାଇଥିଲା। ପାର୍ବତୀପୁର ଗ୍ରାମର ପ୍ରହଲ୍ଲାଦ ବାରିକ, ଭୁବନା ବାରିକ, ଲୋଚନ ବାରିକ , ପ୍ରକାଶ ବେହେରା, ହୁଲ୍ଲାସ ବେହେରା, ପ୍ରଫୁଲ୍ଲ କୁମାର ବାରିକ, ଯମୁନା ବାରିକ ଓ ମଙ୍ଗୁଳି ବାରିକଙ୍କ ଘର ପୋଡି ପାଉଁଶ ହୋଇଯାଇଛି। ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ସୂଚନା ଅନୁଯାୟୀ ବିଳମ୍ବିତ ରାତିରେ ବିଦ୍ୟୁତ୍ ସର୍ଟ ଶର୍କିଟ କାରଣରୁ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡ ଭୟାବହ ଥିଲା ଯେ ନିଆଁକୁ ଆୟତ୍ତ କରିବା ଏକ ପ୍ରକାରର ଚ୍ୟାଲେଞ୍ଜ ହୋଇଥିଲା। ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ସର୍ବସ୍ୱାନ୍ତ ହୋଇ ପଡି ହୋଇପଡିଥିବା ପରିବାରକୁ ପ୍ରଶାସନିକ ତରଫରୁ ସହାୟତା ପାଇଁ ପ୍ରତିଶୃତି ଦେଇଥିବା ସହ କ୍ଷତିଗ୍ରସ୍ତ ପରିବାରକୁ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଭାପୁର ତହସିଲଦାର ଲଗ୍ନଜିତ ବେହେରା ଓ ଆରଆଇ ଲକ୍ଷ୍ମୀପ୍ରିୟା ସାହୁ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିବା ସହ ସର୍ବସ୍ୱାନ୍ତ ପରିବାରକୁ ପଲିଥିନ ପ୍ରଦାନ କରିଥିଲେ। ସର୍ବସ୍ୱାନ୍ତ ପରିବାରକୁ ରବିବାର ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର ବେହେରା ସୂଚନା ଦେଇଛନ୍ତି।

